ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in




ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR
PARUL PATAWARI




| Vol.5 | Issue- 23 | November 15 to 22, 2021, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୨୩ | ନଭେମ୍ବର ୧୫ ରୁ ୨୨, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |




ଜଗତସିଂହପୁର ଜିଲ୍ଲାର ସମ୍ମାନ
IPS SP
AKHILESWAR SINGH

# ବିରୋଧୀ ନିର୍ଲଜ୍ଜ !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପ୍ରାୟ ମାସେରୁ ଊର୍ଦ୍ଧ୍ୱ ହେବ କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସ୍ଥିତ ସନ୍‌ସାଇନ୍ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡରେ ବିରୋଧୀ କରୁଥିବା ଆନ୍ଦୋଳନ ଓ ନରାବାଜିକୁ ନେଇ ସମଗ୍ର ରାଜ୍ୟବାସୀ ଅତିଷ୍ଠ ହୋଇପଡିଥିବା ଆଲୋଚନାରୁ ସ୍ପଷ୍ଟ ବାରିହୋଇପଡୁଛି। ରାସ୍ତାଘାଟ, ଛକବଜାର, ଓ ଗ୍ରାମାଞ୍ଚଳରୁ ସହରାଞ୍ଚଳରେ ଏହି ମମିତା ହତ୍ୟା ଘଟଣା ମୁଖ୍ୟ ଚର୍ଚ୍ଚାର ବିଷୟ





ହୋଇଛି। ସମସ୍ତେ କହୁଛନ୍ତି **ବିରୋଧୀ ନିର୍ଲଜ୍ଜ,** ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର କେଉଁ ମହିଳାଙ୍କ ସହିତ ଅନୈତିକ ସଂପର୍କ ରହିଛି ବା ଅଭିଯୋଗ ହୋଇଛି ତାର ଠୋସ୍ ପ୍ରମାଣ ବିରୋଧୀଙ୍କ ପାଖରେ ନାହିଁ। ଯଦି ଠୋସ୍ ପ୍ରମାଣ ଅଛି ମନ୍ତ୍ରୀଙ୍କୁ ବାନ୍ଧାଯିବା ଲାଗି ଆଇନ୍‌ର ଆଶ୍ରୟ ନେଉନାହାଁନ୍ତି କାହିଁକି ? କୋର୍ଟକୁ ଯିବାକୁ ଡରୁଛନ୍ତି କାହିଁକି ? ବିଜେଡି ସରକାରର ମୁଖପାତ୍ର ତଥା ସାଂସଦ ସସ୍ମିତ୍ ପାତ୍ର (ପୃଷ୍ଠା-୨)

# ମୋଦିଙ୍କୁ କଂଗ୍ରେସର ପ୍ରଶଂସା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମୋଦି ସରକାରଙ୍କୁ କଡା ପ୍ରଶଂସା କରିଛନ୍ତି କଂଗ୍ରେସର ବରିଷ୍ଠ ନେତା। କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ପ୍ରମୋଦ ମାଧବରାଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ପେଜ୍‌ଭାର୍ ମଠର ମୁଖ୍ୟ ବିଶ୍ୱଶେ ତୀର୍ଥ ସ୍ୱାମୀଜୀଙ୍କୁ ପଦ୍ମଭୂଷଣ ପୁରସ୍କାର ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ କେନ୍ଦ୍ରରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପଦ୍ମଭୂଷଣ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ନାମ ନିର୍ଦ୍ଧାରଣ କରିବାର ଟ୍ରେଣ୍ଡ୍ ବଦଳିଛି। ଶୁକ୍ରବାର ଉଡୁପିରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କଂଗ୍ରେସ ନେତା ପ୍ରମୋଦ ମାଧବରାଜ କହିଛନ୍ତି ଯେ ପୂର୍ବରୁ ଏକ ଧାରା ଥିଲା ଯେ କେବଳ ଯେଉଁମାନେ ପୁରସ୍କାର ପାଇଁ ଆବେଦନ କରନ୍ତି ସେମାନଙ୍କୁ ପୁରସ୍କାର ଦିଆଯିବ, କିନ୍ତୁ ମୋଦି ସରକାର କ୍ଷମତାକୁ ଆସିବା ପରେ ଏହି ଧାରା ବଦଳି ଯାଇଛି। ଯଦି କେହି ଭଲ କାମ କରନ୍ତି ତେବେ ଆମେ ଏହାକୁ ପ୍ରଶଂସା କରିବା ଉଚିତ୍। ସେ ଆହୁରି ମଧ କହିଛନ୍ତି ଯେ ଯଦିଓ ମୁଁ ଅନ୍ୟ ଦଳର, ତଥାପି ମୁଁ ପ୍ରଧାମନ୍ତ୍ରୀ



ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରୁଛି। ସୂଚନା ଥାଉକି ଯେ, ସୋମବାର ଦିନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆଧ୍ୟାତ୍ମିକତା କ୍ଷେତ୍ରରେ ଅବଦାନ ପାଇଁ ବିଶ୍ୱର ତୀର୍ଥ ସ୍ୱାମୀଜୀଙ୍କୁ ପଦ୍ମଭୂଷଣ ପ୍ରଦାନ କରିଥିଲେ। ସୂଚନା ଥାଉକି ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ପରେ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ପୁରସ୍କାର ସୋମବାର ଦିନ ରାଷ୍ଟ୍ରୀୟ ଭବନରେ ବଣ୍ଟନ କରାଯାଇଥିଲା। ପଦ୍ମଭୂଷଣ ପୁରସ୍କାର ସମାରୋହ ରାଷ୍ଟ୍ରୀୟ ଭବନର ଐତିହାସିକ ଦରବାର ହଲ୍‌ରେ ଏକ ବିଶାଳ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସୁଷମା ସ୍ୱରାଜ ଏବଂ ଅରୁଣ ଜେଟଲୀଙ୍କ ପରି ରାଜନେତାଙ୍କୁ ମରଣୋତ୍ତର ପଦ୍ମଭୂଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୪୧ଜଣଙ୍କୁ ୨୦୨୦ ବର୍ଷ ପାଇଁ ସମ୍ମାନୀତ କରାଯାଇଥିଲା।

# ଜିଲ୍ଲାପାଳ ଭଲ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ଜିଲ୍ଲାପାଳ ଆଏଏସ୍ ପାରୁଲ୍ ପଟୱାରୀଙ୍କ ବ୍ୟବହାର ଭଲ ବୋଲି ଗତ ୧୦ ତାରିଖରେ "ଜିନ୍ଦଲ ଉତ୍କଳ ଷ୍ଟିଲ୍ ଲିମିଟେଡ୍"ର ବୈଠକ ସାରି ଫେରୁଥିବା ଅଫିସର୍, ରାଜନେତା ଓ ଲୋକ ପ୍ରତିନିଧିମାନେ ଏପରି କହୁଥିବା ଶୁଣାଯାଉଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଏରସମା ପଞ୍ଚାୟତର ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଏବଂ ପ୍ରଭାବିତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମ୍ୟବାସୀଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀମତୀ ପଟୱାରୀ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ଆରକ୍ଷୀ ଅଧିକ୍ଷକ ଅଖୀଳେଶ୍ୱର ସିଂହ ଅଭିଭାଷଣ ପ୍ରଦାନ କରିଥିଲେ। ଜିନ୍ଦଲ କର୍ତ୍ତୃପକ୍ଷଙ୍କ ତରଫରୁ ରଞ୍ଜନ ନାୟକ, ମୁଖ୍ୟ ପରିଚାଳନା ଅଧିକାରୀ ଏହି ପ୍ରକଳ୍ପ ବିଷୟରେ ତଥା ସିଏସ୍‌ଆର୍ ମାଧମରେ ଆଞ୍ଚଳିକ ଉନ୍ନୟନ ପାଇଁ ନେବାକୁ ଥିବା ପଦକ୍ଷେପ ସଂପର୍କରେ ସାରାଂଶ ସୂଚନା (ପୃଷ୍ଠା-୨)



# ଗର୍ଜୁଥିବା ଭକ୍ତଙ୍କ ପୁଅ କଲେଜ୍‌ର ସଭାପତି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** କଂଗ୍ରେସ ନେତା ଭକ୍ତଦାସଙ୍କୁ ବିଜେଡିର ପ୍ରଶ୍ନ ବାଣ। ମମିତା ମେହେର ମାମଲାରେ ନ୍ୟାୟ ଭିକ୍ଷା କରୁଥିବା ନେତା ଭକ୍ତ ଚରଣ ଦାସଙ୍କୁ ବିଜେଡି ମୁଖପାତ୍ର ସାଂସଦ ସସ୍ମିତ ପାତ୍ର ପଚାରିଛନ୍ତି କିଛି ସାଙ୍ଘାତିକ ପ୍ରଶ୍ନ। ଓଡ଼ିଶା କଂଗ୍ରେସ ଏବଂ ଓଡ଼ିଶା ବିଜେପି ଭିତରେ ରହିଛି ଭିତିରି ସଂପର୍କ। କାରଣ ଓଡ଼ିଶା ବିଜେପିର ବି ଟିମ୍ ଭାବେ କାର୍ଯ୍ୟ କରୁଛି ରାଜ୍ୟ କଂଗ୍ରେସ। ଭକ୍ତ ଦାସ ସାମ୍ବାଦିକ ସମ୍ମିଳନୀରେ ବିଜେପିର କଥା କହୁଥିବା ଅଭିଯୋଗ କରିଛନ୍ତି ସସ୍ମିତ ପାତ୍ର। ମହାଲିଙ୍ଗ କଲେଜ ଏବଂ ମମିତା ବେହେର କେସ୍‌ରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ ଗର୍ଜୁଥିବା ବିରୋଧିଙ୍କ ନିରବତା




ପଛରେ ସତ୍ୟତା ରହିଛି।

ସାଂସଦ ସସ୍ମିତ ପାତ୍ର କିଛି ଦୃଢ ତଥ୍ୟ ସହ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ମହାଲିଙ୍ଗ କଲେଜ୍‌ର ରେଜିଷ୍ଟାର ଦସ୍ତାବିଜ୍‌କୁ ଖୁଲାସା କରିଥିଲେ। ଯେଉଁଥିରେ ଫଉଣ୍ଡର ମେମ୍ବର ତାଲିକାରେ ରହିଛନ୍ତି କଂଗ୍ରେସ ନେତା ଭକ୍ତ ଦାସଙ୍କ ପୁଅ କ୍ରାନ୍ତି ଦାସ। କ୍ରାନ୍ତି ଦାସ ସେହି ରେଜିଷ୍ଟରର ଦ୍ୱିତୀୟ ନମ୍ବରରେ ରହିଥିବା ଉଲ୍ଲେଖ ରହିଛି। ଯେଉଁ ସମୟରେ ସଂସ୍ଥା ରେଜିଷ୍ଟର ହୋଇଥିଲା ସେଥିରେ ଥିବା କ୍ରାନ୍ତି ଦାସଙ୍କ କ୍ର.ନଂ-୨୧୩ ଥିବା ବେଳେ ତାଙ୍କ ବାପାଙ୍କ ନାମ ଭକ୍ତ ଚରଣ ଦାସ ଉଲ୍ଲେଖ ରହିଛି। ସବୁଠାରୁ ବଡ ପ୍ରଶ୍ନ ହେଉଛି ଏହି ଗଭର୍ଣ୍ଣିଙ୍ଗ ବଡି କମିଟିରେ ଗୋବିନ୍ଦ ସାହୁ ଚେୟାରମ୍ୟାନ୍ ଥିବାବେଳେ ଭକ୍ତ ଦାସଙ୍କ ପୁଅ କ୍ରାନ୍ତି ଦାସ ରହିଥିଲେ ସଭାପତି। ମହାଲିଙ୍ଗ କଲେଜ୍‌ର ଫାଉଣ୍ଡର ଟ୍ରଷ୍ଟି ହେଉଛନ୍ତି ଗୋବିନ୍ଦ ସାହୁ। କଲେଜ୍‌ର ଦ୍ୱିତୀୟ ଟ୍ରଷ୍ଟି ହେଉଛନ୍ତି ଭକ୍ତି ଦାସଙ୍କ ପୁଅ କ୍ରାନ୍ତି। ଏ ନେଇ ଭକ୍ତ ଦାସ ସ୍ପଷ୍ଟ କରନ୍ତୁ ବୋଲି ବିଜେଡି ଆହ୍ୱାନ ଦେଇଛି। ସୋସିଆଲ୍ ମିଡିଆରେ ବୁଲୁଥିବା ଫଟୋ ବି ଦେଖାଇଛନ୍ତି ସସ୍ମିତ୍। ଫଟୋରେ ଭକ୍ତଙ୍କ ସହ ଗୋବିନ୍ଦ ସାହୁ ଓ ମମିତା ମେହେରଙ୍କୁ ଦେଖିବାକୁ ମିଳିଛି।

# ଅପରାଜିତା ଅପଦସ୍ତ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କଥା ରହିଲା ନାହିଁ, ଭୁବନେଶ୍ୱର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତ ଷଡଙ୍ଗୀଙ୍କୁ ଅପଦସ୍ତ ହେବାକୁ ପଡିଛି। ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡକୁ ନେଇ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଏବଂ ଗିରଫ ସହିତ ସିବିଆଇ ତଦନ୍ତ ଦାବିରେ ବିଜେପି ଚଳାଇଛି ଆନ୍ଦୋଳନ। ଏହାକୁ ନେଇ ମହିଳା ସୁରକ୍ଷା ଯାତ୍ରା, ନ୍ୟାୟ ଯାତ୍ରା, କୋକେଇ ଯାତ୍ରା, କ୍ୟାଲେଣ୍ଡର ଯାତ୍ର, ଦୀପ ଦାନ, ଘେରାଉ, କୁଶପୁତ୍ତଳିକା ଦାହ ଆଦି କାର୍ଯ୍ୟକ୍ରମ କରୁଛି ବିଜେପି। ନିକଟରେ ଭୁବନେଶ୍ୱର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ଏହା ଉପରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସାଙ୍ଗରେ ଉପସ୍ଥିତ ଥିଲେ ବିଜେପି ରାଜ୍ୟ ପ୍ରବକ୍ତା ଉର୍ମିଳା ମହାପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ଉପାଧକ୍ଷା କସ୍ତୁରୀ ମିଶ୍ର ଏବଂ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ




ସ୍ୱତନ୍ତ୍ର ନିମନ୍ତ୍ରିତା ସଦସ୍ୟା ପ୍ରତିଭା ଶତପଥୀ। ମମିତା ମେହେରଙ୍କ ହତ୍ୟା ତଥା ଓଡ଼ିଶା ମହିଳାଙ୍କ ପ୍ରତି ଘଟୁଥିବା ଏହି ହିଂସା ଘଟଣାରେ ଏନ୍‌ସିଆର୍‌ବି ରିପୋର୍ଟ ଆଧାରରେ ଓଡ଼ିଶା ସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସାଂସଦ ତଥା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ।

ଏହି ଅବସରରେ ଅପରାଜିତା କହିଥିଲେ ରାଜ୍ୟରେ ମହିଳାଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସାତ୍ମକ ଘଟଣାକୁ ନେଇ ବିଜେପି ଗାଁ' ଗାଁ'କୁ ଯିବ। "ମୁଁ ମହିଳା, ମୁଁ ଅସୁରକ୍ଷିତ" ହେଉଛି ଆଗାମୀ ଦିନରେ ଆମ ନାରା। ସୁନ୍ଦରଗଡ ଠାରୁ ମାଲକାନାଗିରି, କଳାହାଣ୍ଡିଠାରୁ କୋରାପୁଟ ସାରା ଓଡ଼ିଶାରେ ଏହି ଚାରୋଟି ଶବ୍ଦର ନାରା ଦେବାକୁ ଯାଉଛୁ। ତେବେ ବିଜେପି ତା'ର ଆନ୍ଦୋଳନ ତୀବ୍ର କରିଛି ସତ, କିନ୍ତୁ ଅପରାଜିତା ଷଡଙ୍ଗୀ ଦେଇଥିବା ନାରା "ମୁଁ ମହିଳା ମୁଁ ଅସୁରକ୍ଷିତ"କୁ ଗ୍ରହଣ କରିନି ରାଜ୍ୟ ବିଜେପି। "ବିଜେଡି ଶାସନରେ ମହିଳା ବିପଦରେ" ଏକ ନୂଆ ନାରା ଦେଇ ବିଜେପି ଚଳାଇଛି ଆନ୍ଦୋଳନ। ଅପରାଜିତା ଷଡଙ୍ଗୀଙ୍କ କଥା ରଖିଲାନି ନିଜ ଦଳର ବିଜେପି। ଅପଦସ୍ତ ହେବାକୁ ପଡିଛି ତାଙ୍କୁ। ତେବେ, ଏଠାରେ ଦୁଇଟି ପ୍ରଶ୍ନ ଉଠୁଛି। ପ୍ରଥମତଃ କେନ୍ଦ୍ର ବୋଧେ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅପରାଜିତା ଷଡଙ୍ଗୀଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧର ପ୍ରଭାବ ଅନୁଯାୟୀ ଏଠି ଅପରାଜିତାଙ୍କୁ ନିଚ୍ଚା ଦେଖାଇବାକୁ ଜାଣିଶୁଣି ତାଙ୍କ ନାରା/ସ୍ୱର ଦମନ କରିଦିଆଯାଇଛି କି ? ଦ୍ୱିତୀୟରେ "ମୁଁ ମହିଳା, ମୁଁ ଅସୁରକ୍ଷିତ" ନାରା ଦେଇ ଆନ୍ଦୋଳନ କରିବା ନେଇ ଘୋଷଣା କରିବା ପୂର୍ବରୁ ଅପରାଜିତା ଏ ନେଇ ଦଳୀୟ ନେତୃତ୍ୱଙ୍କ ସହିତ ଆଲୋଚନା କରିଥିଲେ, ନାଁ ନିଜ ମନଇଚ୍ଛା ଏପରି ଘୋଷଣା କରିଦେଇଥିଲେ।

# ତଦନ୍ତ ନସରୁଣୁ ମନ୍ତ୍ରୀଙ୍କୁ କ୍ଲିନ୍‌ଚିଟ୍ !

## କେଉଁପାଠ ପଢିଛନ୍ତି ପୋଲିସ୍ ବାବୁ ?-ଲେଖାଶ୍ରୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମମିତା ହତ୍ୟାକାଣ୍ଡର ତଦନ୍ତ ସଂପୂର୍ଣ୍ଣ ହୋଇନାହିଁ, ହେଲେ ଉତ୍ତରାଞ୍ଚଳ ଡିଆଇଜି ଦିପକ କୁମାର ପ୍ରେସ୍‌ମିଟ୍ କରି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ କ୍ଲିନ୍‌ଚିଟ୍ ଦେଇଦେଲେ। ନାଁ ମନ୍ତ୍ରୀଙ୍କ କଲ୍ ରେକର୍ଡ ଯାଞ୍ଚ ହୋଇଛି, ନାଁ ରାୟପୁର ଘରକୁ ପୋଲିସ୍ ଯାଇନି, ତଥାପି କ୍ଲିନ୍‌ଚିଟ୍ ଦିଆଗଲା। ଡିଆଇଜି ଯଦି କହିବେ ଦିବ୍ୟଶଙ୍କର ଦୋଷୀ ନୁହଁନ୍ତି, ତାହେଲେ ତଦନ୍ତକାରୀ ଅଧିକାରୀ କ'ଣ ତାଙ୍କ ଉପରକୁ ଯାଇ ତଦନ୍ତ କରିବେ ? ପୋଲିସ୍ ବର୍ଦ୍ଦିରେ ଥାଇ ଉତ୍ତରାଞ୍ଚଳ ଡିଆଇଜି ଦିପକ କୁମାର ବିଜେଡିର ମୁଖପାତ୍ର ସାଜୁଥିବା ଅଭିଯୋଗ ଆଣି ଏପରି ଟାର୍ଗେଟ୍ କରିଛନ୍ତି ବିଜେଡି ମୁଖପାତ୍ର ଲେଖାଶ୍ରୀ ସାମନ୍ତ ସିଂହାର।

ଏଥିସହ କହିଛନ୍ତି, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମହାଲିଙ୍ଗରେ ରାତ୍ରୀଯାପନ କରୁଥିଲେ। ସେଠି ସେକ୍ସ ର୍‍ୟାକେଟ୍ ଚାଲିଥିଲା ବୋଲି ମମିତା ବାପା ଅଭିଯୋଗ ଆଣିଛନ୍ତି। ମମିତାଙ୍କ ପିତା ଭିଡିଓରେ କହୁଛନ୍ତି ସ୍କୁଲ୍‌ରେ ଅନୈତିକ କାର୍ଯ୍ୟ ହେଉଥିଲା, ମମିତା ଜାଣିଥିଲା। ଏହାପରେ ତାକୁ ହଟାଇବାକୁ ଗୋବିନ୍ଦ ସାହୁ ଷଡଯନ୍ତ୍ର କରି କାର୍ଯ୍ୟକାରୀ କଲା। ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଏହା ରେକର୍ଡିଂ କରାଯାଇଛି। ଏହା ସତ୍ତ୍ୱେ ପୋଲିସ୍ ସେ ଦିଗରେ ତଦନ୍ତ କରୁନାହିଁ। ବିନା ଯାଞ୍ଚରେ ପଚରା ଉଚରାରେ ଡିଆଇଜି



କିପରି ମନ୍ତ୍ରୀଙ୍କୁ କ୍ଲିନ୍‌ଚିଟ୍ ଦେଇଦେଉଛନ୍ତି ? ଏହା ସଂପୂର୍ଣ୍ଣ ଅନୈତିକ, ଅସାମ୍ବିଧାନିକ ତଥା ଡିଆଇଜିଙ୍କ କ୍ଷମତା ପରିସର ବାହାରେ। ମନ୍ତ୍ରୀଙ୍କ ରାୟପୁର ଘରେ ବୈଠକ ହୋଇଥିବା ନେଇ ଚାଲିଥିବା ବେଳେ ପୋଲିସ୍ ଟିମ୍ ସେଠାକୁ ଯାଇଥିଲା କି ? କେଉଁ ଆଧାରରେ କହିଲେ ସେଠାରେ ମିଟିଂ ହୋଇନାହିଁ ? ପ୍ରଥମେ ପୀଡିତାଙ୍କ ପରିବାରର ଏଫ୍‌ଆଇଆର୍ ରଖିଲେନି, ଦ୍ୱିତୀୟରେ ଟିଟିଲାଗଡରେ ଗୋବିନ୍ଦ ସାହୁକୁ ରଖିଲେ ଯେ, ସେ ଖସିଗଲା। ତଦନ୍ତ ସରିନାହିଁ ଦିପକ୍ କୁମାର ତଦନ୍ତକାରୀ ଅଧିକାରୀ ନୁହଁନ୍ତି, କଲ୍ ରେକର୍ଡ ଯାଞ୍ଚ ହୋଇନାହିଁ ସେ କିପରି କହୁଛନ୍ତି ମନ୍ତ୍ରୀଙ୍କ ସଂପୃକ୍ତି ନାହିଁ!

କ୍ରାଇମ୍ ସ୍ପଟ୍‌ରୁ ଭ୍ୟାନିଟ୍ ବ୍ୟାଗ୍, ସୁନା ଚେନ୍, ରୂପା ପାଉଁଜି ଯାହା ଜବତ ହେଲା ତାହାକୁ କୋର୍ଟରେ ପ୍ରଡ୍ୟୁସ୍ କଲେନି। ନିଜେ ନିଜେ ନମିତାଙ୍କ ପରିବାରକୁ ହସ୍ତାନ୍ତର କଲେ। ଏହି ପୋଲିସ୍ ଅଧିକାରୀ କେଉଁ ଆଇନ୍ ବଳରେ କାମ କରୁଛନ୍ତି, କେଉଁ ଆଇପିସି, ସିଆର୍‌ପିସି, ସମ୍ବିଧାନର ପାଠ ପଢିଛନ୍ତି କିଛି ବୁଝାପଡୁନି। ଯାହା କୋର୍ଟରେ ପ୍ରମାଣ ହିସାବରେ ଧରାଯିବ, ଦୋଷୀଙ୍କୁ ଦଣ୍ଡ ଦେବାରେ ନିର୍ଣ୍ଣାୟକ ଭୂମିକା ତୁଲାଇବ ତାକୁ କେଉଁ ଆଧାରରେ ପୀଡିତାଙ୍କ ପରିବାର ଦେଇଦିଆଗଲା ? ଜଣେ ସିନିୟର୍ ପୋଲିସ୍ ଅଧିକାରୀ ଏଭଳି ଜଘନ୍ୟ ହତ୍ୟାକାଣ୍ଡକୁ ଘଣ୍ଟ ଘୋଡାଇବା, ପ୍ରୋତ୍ସାହିତ କରିବା, ପ୍ରଚ୍ଛଦପଟରେ ରହି ତଥ୍ୟ ପ୍ରମାଣ ନଷ୍ଟ କରିବା ଲୋକଙ୍କୁ ଭୁଆଁ ବୁଲାଇବା ଆଦିରେ ସାମିଲ୍ ହେଉଛନ୍ତି ? ଡିଆଇଜି ଯଦି କହିବେ ଦିବ୍ୟଶଙ୍କର ଦୋଷୀ ନୁହଁନ୍ତି ତାହେଲେ ତଦନ୍ତକାରୀ ଅଧିକାରୀ କ'ଣ ତାଙ୍କ ଉପରକୁ ଯାଇ ତଦନ୍ତ କରିବେ ବୋଲି ପଚାରିଛନ୍ତି ଲେଖାଶ୍ରୀ।

ଅପରପକ୍ଷେ କେସ୍ ଡାଏରୀ ୩ଦିନ ଲେଟ୍ ହେବା ପଛରେ କାରଣ ଛୁଟି ପଡିଲା ବୋଲି ଗତ କାଲି ଡିଆଇଜି ନିଜ ପ୍ରେସ୍‌ମିଟ୍‌ରେ କହିଥିଲେ। ହେଲେ କେସ୍‌ଡାଏରୀ ସହ ଛୁଟି ଦିନର କିଛି (ପୃଷ୍ଠା-୨)

# କଟକ ଡିସିପି ପ୍ରତୀକ ସିଂହଙ୍କୁ ଧନ୍ୟବାଦ


**ବାଦାମବାଡ଼ି(ସଂପର୍କବାର୍ତ୍ତା):-** କଟକ କମିଶନରେଟ୍ ପୋଲିସ୍‌ର ଜବତ ଗାଡି ହସ୍ତାନ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମାଲିକଙ୍କୁ ଫେରାଇଦିଆଗଲା ଚୋରି ହୋଇଥିବା ଗାଡି। ସୂଚନା ଅନୁସାରେ କମିଶନରେଟ୍ ପୋଲିସ୍ ଲଗାତାର ଚୋରା ଗାଡି ଜବତ କରୁଛି। ବାଲିଚୋରି ର୍‍ୟାକେଟ୍‌ର ମଧ ପର୍ଦ୍ଦାଫାସ୍ କରୁଛି। ତେବେ କଟକ କମିଶନରେଟ୍ ପୋଲିସ୍ ନିଜ



ଅଞ୍ଚଳରେ ଜବତ କରିଥିବା ଗାଡିକୁ ପ୍ରକୃତ ମାଲିକଙ୍କୁ ଫେରାଇବା କାର୍ଯ୍ୟକ୍ରମ ଆରମ୍ଭ କରିଛି। ବିଭିନ୍ନ ଥାନା ମାନଙ୍କରୁ ଜବତ ହୋଇଥିବା ଚୋରି ଗାଡିଗୁଡିକୁ ତା'ର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ରବିବାର ୩୭ଟି ବାଇକ୍ ଓ ୧୬ଟି ସାଇକେଲ୍ ସେମାନଙ୍କ ମାଲିକଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଡିସିପି ପ୍ରତୀକ ସିଂହଙ୍କ ସମେତ (ପୃଷ୍ଠା-୨)

# କ୍ଷୀର ଦେଲାନି ମଇଁଷି, ଥାନାରେ ଚାଷୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଜଣେ ଚାଷୀ ନିଜ ମଇଁଷିକୁ ନେଇ ଚିନ୍ତାରେ ପଡିଥିଲେ। ବାରମ୍ବାର ଚେଷ୍ଟା ସତ୍ତ୍ୱେ ମଇଁଷି କ୍ଷୀର ଦେବାକୁ ଅମଙ୍ଗ ହୋଇଥିଲା। ଘଟଣାକ୍ରମେ ମଇଁଷି ଉପରେ କେହି ଗୁଣିଗାରେଡି କରିଥିବାର ସନ୍ଦେହ କରି ଶେଷରେ ଚାଷୀଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗତ ଶନିବାର ଦିନ ଏହି ଘଟଣା ସାମ୍ନାକୁ ଆସିଥିଲା। ଚାଷୀଜଣକ ମଇଁଷିର କ୍ଷୀର ଦୁହିଁବାରେ ସାହାଯ୍ୟ କରିବା ନେଇ ପୋଲିସ୍‌କୁ



ଅନୁରୋଧ କରିଥିଲେ। ଏଭଳି ଏକ ଘଟଣା ମଧ ପ୍ରଦେଶ ଭିଣ୍ଡ ଅଞ୍ଚଳରୁ ସାମ୍ନାକୁ ଆସିଛି ତାଜୁବ କଲାଭଳି ଘଟଣା। ଯାହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ବହୁଳ ମାତ୍ରାରେ ଭାଇରାଲ୍ ହୋଇଛି।

# ଦେଶ ବିଭାଜନ ପାଇଁ କଂଗ୍ରେସ ଦାୟୀ:ଅୱେସୀ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଏଆଇଏମ୍ଆଇଏମ୍ ମୁଖ୍ୟ ଅସଉଦ୍ଦିନ୍ ଅୱେସୀ ଦେଶ ବିଭାଜନ ପାଇଁ କଂଗ୍ରେସ ଏବଂ ତତ୍କାଳୀନ କଂଗ୍ରେସ ନେତାଙ୍କୁ ଦାୟୀ କରିଛନ୍ତି। ସୁହେଲ୍ ଦେବ୍ ଭାରତୀୟ ସମାଜ ପାର୍ଟିର ମୁଖ୍ୟ ଓ ପି.ରାଜଭରଙ୍କ ବୟାନର ଦିନକ ପରେ ଅୱେସୀ ବିଭାଜନକୁ ନେଇ କଂଗ୍ରେସ ଉପରେ ବର୍ଷିଛନ୍ତି। ରାଜଭର୍ କହିଥିଲେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ କରାଇଦେଇଥିଲେ ଦେଶ ବିଭାଜନ ହୋଇନଥାନ୍ତା। ରାଜଭରଙ୍କ ଏହି ଟିପ୍ପଣୀକୁ ନେଇ ଅୱେସୀ କହିଛନ୍ତି କଂଗ୍ରେସ ଏବଂ ଏହାର ନେତାମାନେ ବିଭାଜନ ପାଇଁ ମୁଖ୍ୟତଃ ଦାୟୀ।

ଉତ୍ତର ପ୍ରଦେଶର ମୁରାଦାବାଦରେ ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି ଅୱେସୀ କହିଛନ୍ତି, ଇତିହାସ ପଢିନଥିବା ଆର୍‌ଏସ୍‌ଏସ୍, ବିଜେପି ଏବଂ ସମାଜବାଦୀ ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ମୁଁ ଏହି ମାମଲାରେ ଚ୍ୟାଲେଞ୍ଜ କରୁଛି। ବିଭାଜନ ମୁସଲମାନଙ୍କ କାରଣରୁ ହୋଇନାହିଁ। ବରଂ ଜିନ୍ନାଙ୍କ କାରଣରୁ ହୋଇଛି ଏବଂ ଏଥିପାଇଁ କଂଗ୍ରେସ ଦଳ ସଂପୂର୍ଣ୍ଣ ଭାବେ ଦାୟୀ। ସୂଚନାଯୋଗ୍ୟ, ୨୦୨୨ରେ ହେବାକୁ ଥିବା ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ସମାଜବାଦୀ ପାର୍ଟି ଏବଂ ସୁହେଲ୍ ଦେବ ଭାରତୀୟ ସମାଜବାଦୀ ପାର୍ଟି ମେଣ୍ଟ କରିଛନ୍ତି।

# ବିଜେପି ଓ ଆରଏସଏସର ବିଚାରଧାରା ଘୃଣାଭାବ ସୃଷ୍ଟି କରୁଛି, କଂଗ୍ରେସ ବିଚାରଧାରାରେ ଭଲପାଇବା ରହିଛି: ରାହୁଲ ଗାନ୍ଧୀ



**ନୂଆଦିଲୀ(ସଂପର୍କବାର୍ତ୍ତା):-** କଂଗ୍ରେସ ନେତାଙ୍କ ନେତାଙ୍କ ବିବାଦୀୟ ବୟାନ ଭିତରେ ଏବେ ରାହୁଲ ଗାନ୍ଧୀଙ୍କ ବଡ ବୟାନ ସାମ୍ନାକୁ ଆସିଛି । ଉଭୟ ବିଜେପି ଓ ଆରଏସଏସର ବିଚାରଧାରାକୁ ଘୃଣାର ବିଚାରଧାରା ବୋଲି କହିଛନ୍ତି । ରାହୁଲ ଉଭୟ ବିଜେପି ଓ ଆରଏସଏସର ବିଚାରଧାରା କଂଗ୍ରେସ ବିଚାରଧାର ଉପରେ ଭାରି ପଡିଛି । ଶୁକ୍ରାବାର ଜନଜାଗରଣ ଅଭିଯାନର ଆରମ୍ଭ କରିବା ସହ ରାହୁଲ କହିଛନ୍ତି, କିଏ ମାନୁ ବା ନମାନୁ କିନ୍ତୁ ଆରଏସଏସ ଓ ବଜେପିର ବିଚାରଧାରାରେ ଘୃଣା ଭାବ ଭରି ରହିଛି । ଅନ୍ୟପଟେ କଂଗ୍ରେସ ବିଚାରଧାରାରେ ସ୍ନେହ, ପ୍ରେମ, ଭଲ ପାଇବା, ରାଷ୍ଟ୍ରବାଦ ରହିଛି । ଯାହାକୁ ଏବେ ବିଜେପି ଓ ଆରଏସଏସର ବିଚାରଧାରା ଦବାଇ ରଖିଛି । ଏହାକୁ ଆମକୁ ମାନିବାକୁ ପଡିବ । ଆମର ବିଚାରଧାର ଏବେ ବି ଜୀବନ୍ତ ଅଛି କିନ୍ତୁ ଏହାକୁ କିଛି ସମୟ ପାଇଁ ଦବାଇ ଦିଆଯାଇଛି। ଆଉ ଏହା ପଛର ବଡ କାରଣ ମଧ୍ୟ ରଖିଛନ୍ତି ରାହୁଲ । କଂଗ୍ରେସର ବିଚାରଧାରାକୁ ଆମେ ନିଜ ଲୋକଙ୍କ ମଧ୍ୟରେ ଠିକ୍ ଢଙ୍ଗରେ ପହଂଚାଇ ପାରିନାହିଁ । ଏହାସହ ରାହୁଲ କହିଛନ୍ତି, ଆରଏସଏସର ଆଇକନ ହେଉଛନ୍ତି ସାବରକର, ଅନ୍ୟପଟେ କଂଗ୍ରେସର ଆଇକନ ହେଉଛନ୍ତି ମହାତ୍ମା ଗାନ୍ଧୀ । ତେଣୁ କଂଗ୍ରେସର ବିଚାରଧାରାକୁ ପୂରା ଦେଶରେ ପ୍ରସାର କରିବାକୁ ପଡିବ । ଏହାସବୁ ହିନ୍ଦୁ ଓ ହିନ୍ଦୁତ୍ୱ ମଧ୍ୟରେ ଅନେକ ଫରକ ରହିଛି ଯଦି ଆପଣ ହିନ୍ଦୁ ତେବେ ହିନ୍ଦୁତ୍ୱର ଆବଶ୍ୟକତା ବା କ'ଣ? କବୀର,ଗୁରୁ ନାନକ, ମହାତ୍ମା ଗାନ୍ଧୀଙ୍କ ଭଳି ଅନେକ ଲୋକ ଏହାକୁ ଆପଣାଇଛନ୍ତି ।

## ଦାନ୍ତ ଓପାଡିବାକୁ କ୍ଲିନିକ ଯାଇଥିଲେ ମହିଳା

# ନିଶା ଇଞ୍ଜେକ୍ସନ୍ ଦେଇ ଦୁଷ୍କର୍ମ କଲେ ଡାକ୍ତର



**ନୂଆଦିଲୀ(ସଂପର୍କବାର୍ତ୍ତା):-** ଉତ୍ତର ପ୍ରଦେଶ ବରେଲୀ ଜିଲ୍ଲା ସଇଦପୁର ଅଂଚଳରେ ଜଣେ ଡାକ୍ତର ନିଜ ଡେଣ୍ଟାଲ କ୍ଲିନିକରେ ଜଣେ ମହିଳାଙ୍କୁ ନିଶା ଇଞ୍ଜେକ୍ସନ ଦେଇ ଦୁଷ୍କର୍ମ କରିଛନ୍ତି । ଡାକ୍ତର ମହିଳାଙ୍କ ଅଶ୍ଳୀଳ ଭିଡିଓ ମଧ୍ୟ କରିଥିଲେ । ମହିଳା ଅଭିଯୋଗ

### ଭିଡିଓ ରେକର୍ଡିଂ କଲେ

କରିଛନ୍ତି ଯେ ଡାକ୍ତର ଭିଡିଓ ଭାଇରାଲ କରିବା ଓ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ପୀଡିତା ମହିଳାଙ୍କ ଅଭିଯୋଗ କ୍ରମେ ଇଜ୍ଜତନଗର ଥାନାରେ ଡାକ୍ତର ବିରୋଧରେ ମାମଲା ରୁଜୁ କରାଯାଇଛି । ମହିଳାଙ୍କ ମେଡିକାଲ ଯାଞ୍ଚ କରାଯାଇଛି। ପ୍ରାଥମିକ ଯାଞ୍ଚରୁ ମହିଳାଙ୍କ ସହ ଦୁଷ୍କର୍ମ ହୋଇଥିବ ସ୍ପଷ୍ଟ ହୋଇଛି । ମାମଲା ଇଜ୍ଜତନଗର ଥାନା ସଇଦପୁର ଅଞ୍ଚଳର। ସୂଚନା ଅନୁଯାୟୀ, ସଇଦପୁର ହକିନ୍ସରେ ରହୁଥିବା ପ୍ରପର୍ଟି ଡିଲରଙ୍କ ପତ୍ନୀଙ୍କ ଦାନ୍ତରେ ଯନ୍ତ୍ରଣା ହେଉଥିଲା। ଅକ୍ଟୋବର ୧୬ ତାରିଖରେ ସେ ପ୍ରକାଶ ଡେଣ୍ଟାଲ ଲ୍ୟାବରେ ଡାକ୍ତର ରବୀନ୍ଦ୍ରଙ୍କୁ ଦେଖାଇବାକୁ ଯାଇଥିଲେ । ଡାକ୍ତର କହିଥିଲେ ଯେ ଦାନ୍ତ ଓପାଡି ଅଲଗା ଦାନ୍ତ ଓପାଡି ଅଲଗା ଦାନ୍ତ ଲଗାଇବେ । ସେ ମହିଳାଙ୍କୁ ନିଜ କ୍ଲିନିକକୁ ଡାକିଥିଲେ । ମହିଳାଙ୍କ ଦାନ୍ତ ଓପାଡିଥିଲେ ଓ ତାପରେ ଦୁଷ୍କର୍ମ କରି ଭିଡିଓ ରେକର୍ଡ କରିଥିଲେ ।

ଉହିଳାଙ୍କୁ ଯେତେବେଳେ ହୋସ ଆସିଲା ତାଙ୍କ ଡ୍ରେସ ଏପଟେ ସେପଟେ ପଡିଥିଲା ମହିଳା ଡାକ୍ତର ଭିଡିଓ ଭାଇରାଲ କରିବାର ଧମକ ଦେଇଥିଲେ । ଫଳରେ ମହିଳା ଡରି ଯାଇଥିଲେ। ସେ ନିଜ ଘରକୁ ଫେରିଗଲେ ଓ ଚୁପ୍‌ଚାପ୍ ରହିଲେ । ନଭେମ୍ବର ୩ ତାରିଖରେ ମହିଳାଙ୍କ ସ୍ୱାମୀ ତାଙ୍କୁ ବାରମ୍ବାର ପଚାରିବାରୁ ମହିଳା ସବୁ ସତ କଥା କହିଥିଲେ । ତାପରେ ଇଜ୍ଜତନଗର ଥାନାରେ ଡାକ୍ତର ବିରୋଧରେ ମାମଲା ରୁଜୁ କରାଯାଇଛି ।

# ୨୬୪କୋଟିର କାର ଚଢୁଛନ୍ତି ଫୁଟବଲ୍ ରୋନାଲ୍ଡୋ



**ନୂଆଦିଲୀ(ସଂପର୍କବାର୍ତ୍ତା):-** ଫୁଟବଲ୍ ପଡିଆରେ ପରାକ୍ରମ ଦେଖାଇବା ସହ ପର୍ତ୍ତୁଗାଲର ମହାନ ଫୁଟବଲର କ୍ରିଷ୍ଟିଆନୋ ରୋନାଲଡୋ ନିଜ ବିଲାସପୂର୍ଣ୍ଣ ଓ ଦାମୀ ସଉକ ପାଇଁ ବେଶ୍ ପରିଚିତ । ନାମୀଦାମୀ ଜିନିଷ ସଂଗ୍ରହ କରିବା ସବୁଠାରୁ ଧନୀ ତାରକାଙ୍କ ମଧ୍ୟରୁ ଅନ୍ୟତମ ରୋନାଲଡୋଙ୍କର ନିଶା । ତାଙ୍କ ପାଖରେ ଦାମୀ କାରର ଗୌରବମୟ ସମ୍ଭାର ଥିଲା ବେଳେ ୭୬୧ଟି ହିରା ଖଞ୍ଜିତ ଅତି ମୂଲ୍ୟବାନ ହାତଘଣ୍ଟା ବି ରହିଛି । ସଂପ୍ରତି ଇଟାଲୀୟ କ୍ଲବ୍ ଜୁଭେଣ୍ଟସ୍ ପକ୍ଷରୁ ଖେଳୁଥିବା ଏହି କିଂବଦନ୍ତି ତାରକା କିଛି ବର୍ଷ ତଳେ ସ୍ପୋର୍ଟିଂ ଲିସବନ୍ ଦଳ ଛାଡି ୟୁନାଇଟେଡ ଦଳରେ ଯୋଗ ଦେବ ପରେ ଲୋକପ୍ରିୟତା ଓ ସଫଳତାର ଶୀର୍ଷ ଛୁଇଁଥିଲେ । ଯାହା ଏବେ ବି ଜାରି ରହିଛି । ପ୍ରଦର୍ଶନ ଓ ସଂପ୍ରତି ଇଟାଲୀୟ ବ୍ୟକ୍ତିଗତି କୀର୍ତ୍ତିମାନକୁ ଦେଖିଲେ ଏବେକାର କୌଣସି ଖେଳାଳି ସମ୍ଭବତଃ ତାଙ୍କ ନିକଟତର ନୁହନ୍ତି । ରୋନାଲଡୋ ଉଭୟ ରିଆଲ ମାଦ୍ରଦର ପ୍ରତିନଧିତ୍ୱ କରି ଅନେକଥର ୟୁଫା ଚାମ୍ପିଅନ୍ସ ଲିଗ୍ ଟ୍ରଫି ଜିତିଛନ୍ତି । ଗତବର୍ଷ ସେ ଏକ ବୁଗାଟି ଲାଭୋଇଚର କାର୍ କିଣିଛନ୍ତି । ଯାହାର ଦାମ ହେଉଛି ୮.୫ ନିୟୁତ ୟୁରୋ ବା ପାଖପାଖି ୭୫କୋଟି ଟଙ୍କା । ତେବେ ତାଙ୍କ ଗ୍ୟାରେଜରେ ଥିବା କାରଗୁଡିକର ମିଳିତ ଦାମ୍ ପାଖାପାଖି ୨୬୪ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ରୋନାଲଡୋଙ୍କ ପାଖରେ ଜ୍ୟାକବ୍ ଆଣ୍ଡ କୋ ରହିଛି, ଯାହାର ଦାମ ୧.୮୫ ନିୟୁତ ପାଉଣ୍ଡ ବା ପାଖାପାଖି ୧୯କୋଟି ଟଙ୍କା ହେବ। ସେହି ଭଳି ରୋନାଲଡୋ ନିଜର ଏକ ମହମ ପ୍ରତିମୂର୍ତ୍ତି ମଧ୍ୟ ରଖିଛନ୍ତି । ଯାହା ଦାମର ଦାମ୍ ୨୦ଲକ୍ଷ ଟଙ୍କା ହେବ ଏହି ପ୍ରତିମୂର୍ତ୍ତିଟି ପ୍ରଥମେ ଲଣ୍ଡନର ଲଣ୍ଡନର ମାଡାମ ତୁସାଡ୍ସ ସଂଗ୍ରହାଳୟରେ ଦେଖିବାକୁ ମିଳିଥିଲା ଏହା ଛଡା ସମଗ୍ର ବିଶ୍ୱରେ ତାଙ୍କର ହଜାର କୋଟି ଟଙ୍କାର ସମ୍ପତ୍ତି ଅଛି । ତାଙ୍କ ପାଖରେ ମୋଟ ୬ରୁ ୭ ହାଜର କୋଟି ଟଙ୍କାର ସମ୍ପର୍ତ୍ତି ଥିବା ଜଣାପଡିଛି । ୬ଫୁଟ ଉଚ୍ଚତା ବିଶିଷ୍ଟ ଏହି ସଫଳ ଫୁଟବଲ୍ ନାୟକ ବର୍ଷକୁ ୫୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରନ୍ତି ।

# ଦେଶରେ ବିମୁଦ୍ରାକରଣକୁ ପୂରିଲା ୫ ବର୍ଷ



**ନୂଆଦିଲୀ(ସଂପର୍କବାର୍ତ୍ତା):-** ଦେଶରେ ବିମୁଦ୍ରାକରଣକୁ ପୂରିଛି ୫ବର୍ଷ । ଗତ ୨୦୧୬ନଭେମ୍ବର୮ ତାରିଖରେ ୫୦୦ ଓ ହଜାର ଟଙ୍କିଆ ଅଚଳ କରିଥିଲେ କେନ୍ଦ୍ର ସରକାର । ଦେଶରୁ କଳାଟଙ୍କା ହଟାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ବିମୁଦ୍ରାକରଣ ପାଇଁ ନିଷ୍ପତି ନେଇଥିଲେ । ହେଲେ ଏହି ପଦକ୍ଷେପ ଯୋଗୁ ବିଶେଷ କଳାଧାନ ଠାବ ହୋଇ ନଥିଲା ବରଂ ହନ୍ତ ସନ୍ତି ହୋଇଥିଲେ ସାରା ଦେଶର ନାଗରିକ । ଆରବିଆଇର ତଥ୍ୟ ଅନୁସାରେ, ବିମୁଦ୍ରାକରଣ ପରେ ଲୋକଙ୍କ ନିକଟରେ ନଗଦ ଅର୍ଥରାଶି ପରିମାଣ ବଢିଛି । କୋଭିଡ କଟକଣା ଲକଡାଉନ, ସଟଡାଉନ, ଆଦି କାରଣରୁ ଲୋକମାନେ ନିଜ ନିକଟରେ ଅର୍ଥ ଠୁଳ କରିବାକୁ ପସନ୍ଦ କରିଛନ୍ତି । ଗତ ୨୦୧୬ ନଭେମ୍ବର ୪ରେ ଦେଶରେ ଲୋକଙ୍କ ନିକଟରେ ନଗଦ ଅର୍ଥରାଶି ପରିମାଣ ବଢିଛି । କୋଭିଡ କଟକଣା, ଲକଡାଉନ, ସଟଡାଉନ ଆଦି କାରଣରୁ ଲୋକମାନେ ନିଜ ନିକଟରେ ଅର୍ଥ ଠୁଳ କରିବାକୁ ପସନ୍ଦ କରିଛନ୍ତି । ଗତ ୨୦୧୬ ନଭେମ୍ବର ୪ରେ ଦେଶରେ ଲୋକଙ୍କ ନିକଟରେ ମୋଟ ୧୭ଲକ୍ଷ ୯୭ ହାଜର କୋଟି ଟଙ୍କା ଗଚ୍ଛିତ ଥିଲା। ସେହିପରି ୨୦୨୧ଅକ୍ଟୋବର ୮ରେ ଏହି ଟଙ୍କା ପରିମାଣ ଥିଲା ୨୮ଲକ୍ଷ ୩୦ ହଜାର କୋଟି ଟଙ୍କା । ୨୦୧୬ ନଭେମ୍ବର ୨୫ରେ ଏହି ପରିମାଣ ଥିଲା ୯ ଲକ୍ଷ ୧୧ହଜାର କୋଟି ଟଙ୍କା ୫୦୦ ଓ ହଜାରେ ଟଙ୍କିଆ ନୋଟ୍ ପ୍ରତ୍ୟାହାର ହୋଇଯିବା ପରେ ୨୦୧୬ ନଭେମ୍ବର ୪ରେ ଲୋକଙ୍କ ନିକଟରେ ୧୭ ଲକ୍ଷ ୯୭ ହଜାର କୋଟି ଟଙ୍କା ଗଚ୍ଛିତ ଥିଲା ସେହିପରି ୨୦୨୧ ଅକ୍ଟୋବର ୮ରେ ଏହି ଟଙ୍କା ପରିମାଣ ଥିଲା ୨୮ଲକ୍ଷ ୩୦ହାଜର କୋଟି ଟଙ୍କା ୨୦୧୬ନଭେମ୍ବର ୨୫ରେ ଏହି ପରିମାଣ ଥିଲା ୯ଲକ୍ଷ ୧୧ହଜାର କୋଟି ଟଙ୍କା ୫୦୦ ଓ ହଜାରେ ଟଙ୍କିଆ ନୋଟ୍ ପ୍ରତ୍ୟାହାର ହୋଇଯିବା ପରେ ୨୦୧୬ ନଭେମ୍ବର ୪ରେ ଲୋକଙ୍କ ନିକଟରେ ୧୭ଲକ୍ଷ ୯୭ହଜାର କୋଟି ଟଙ୍କା ଥିବା ବେଳେ ଜାନୁଆରୀ ୨୦୧୭ରେ ଏହି ଟଙ୍କା ପରିମାଣ ହ୍ରାସ ପାଇ ୭ ଲକ୍ଷ ୮ହଜାର କୋଟିରେ ପହଂଚିଥିଲା

# ଯୁବକଙ୍କ ଉନ୍ମତ୍ତ କାଣ୍ଡରେ ଫେରିବାଲାଙ୍କ ମୃତ୍ୟୁ

**ଗୁଣୁପୁର(ସଂପର୍କବାର୍ତ୍ତା):-** ଗତକାଲି ବିଳମ୍ବିତ ସନ୍ଧ୍ୟାର ଦୁର୍ଗମ ପୁଟାସିଂ ଅଂଚଳରେ ଏକ ଅଭାବନୀୟ ଘଟଣା ଘଟି ଜଣେ ଫେରି ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁସାୟୀ ଲବାଗ୍ରାମର ମନୋରଞ୍ଜନ ସେନାପତି ନାମକ ଜଣେ ଫେରି ବ୍ୟବସାୟୀ ଶଗଡା ଗ୍ରାମ ଆଡୁ ବ୍ୟବସାୟ ସାରି ଫେରୁଥିବା ବେଳେ ପୁଟାସିଂ ଠାରେ ପୁଟା ଗ୍ରାମର ରାବନା ଶବର ନାମକ ଜଣେ ଯୁବକ ନିକଟସ୍ଥ ଏକ ଔଷଧ ଦୋକାନରୁ ଏକ କଇଁଚ ଆଣି ହାଠତ ମନୋରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଏକ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁଟାସିଂ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଗୁଣୁପୁର ପରେ କଟକ ସ୍ଥାନାନ୍ତିତ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ କଟକ ଯିବା ବାଟରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପୁଟାସିଂ ପୁଲିସ ରାବନାକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି

## ପ୍ରଥମ ପୃଷ୍ଠାରୁ...

### ବିରୋଧୀ...

ପ୍ରଥମ ପୃଷ୍ଠାରୁ...

ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିରୋଧୀଙ୍କ ହରତାଳ ଏକ ଉପହାସ। ଝିଅକୁ ନେଇ ରାଜନୀତି ନ କରିବାକୁ ମମିତାଙ୍କ ବାପା ଅନୁରୋଧ କରିଛନ୍ତି। ଏଭଳି ପ୍ରସଙ୍ଗରେ ରାଜନୈତିକ ଦଳ ଶସ୍ତା ରାଜନୀତି କରୁଛନ୍ତି ବୋଲି କହିଛନ୍ତି ସମ୍ବିତ୍ ପାତ୍ର। ସତ୍‌ସାହାସ ଥିଲେ ବିରୋଧୀ ତଥ୍ୟ ପ୍ରମାଣ ସହ କୋର୍ଟକୁ ଯାଆନ୍ତୁ କହି ଚ୍ୟାଲେଞ୍ଜ କରୁଛନ୍ତି। ହେଲେ ବିରୋଧୀ ବେର୍ଲଜ୍ଜା ନୁହେଁ ତ କ'ଣ କୁହାଯିବ? ଏହା ପୂର୍ବରୁ ନୟାଗଡ ପରି ହତ୍ୟାକାଣ୍ଡ ମାମଲାରେ ମାସ ମାସ ଧରି ଆନ୍ଦୋଳନ ଓ ହରତାଳ କରି କ'ଣ ରେଜଲ୍ଟ ପାଇଲେ ବିରୋଧୀ ବୋଲି ସାଧାରଣରେ ଆଲୋଚନା କରୁଛନ୍ତି। ପୂର୍ବରୁ ଇତିଶ୍ରୀ ଘଟଣା ଓ ଅନ୍ୟାନ୍ୟ ଘଟଣା ବାବଦରେ ବିରୋଧୀ ଆନ୍ଦୋଳନ କରି କ'ଣ ରେଜଲ୍ଟ ପାଇଥିଲେ ବୋଲି ସାଧାରଣରେ ଆଲୋଚନା କରି ବିରୋଧୀ ବେର୍ଲଜ୍ଜା ନୁହେଁ ତ କ'ଣ କୁହାଯିବ ବୋଲି ପ୍ରଶ୍ନ କରୁଛନ୍ତି। କଂଗ୍ରେସ ଦଳର ବରିଷ୍ଠ ନେତା ଭକ୍ତ ଚରଣ ଦାସଙ୍କ ସହ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ଭକ୍ତଙ୍କ ପୁଅଙ୍କ ଫଟୋ ଥିବା ଏବଂ ପୁଅ କ୍ରାନ୍ତି ଦାସ ଉକ୍ତ ସନ୍‌ସାଇନ୍ କଲେଜ୍‌ର ସଭାପତି ରହିଛନ୍ତି, ପୁଣି ଭକ୍ତ ଗର୍ଜୁଛନ୍ତି ମନ୍ତ୍ରୀଙ୍କ ବିରୁଦ୍ଧରେ କିପରି ବୋଲି ସାଧାରଣରେ ପ୍ରଶ୍ନ ମଧ କରାଯାଉଛି।

### ଜିଲ୍ଲାପାଳ...

ପ୍ରଦାନ କରିଥିଲେ। ପରେ ପାନବରଜ ବାବଦକୁ ମାଲିକ ତଥା ଶ୍ରମିକଙ୍କ ପାଇଁ କ୍ଷତିପୂରଣ ରାଶି, ଜଙ୍ଗଲ ଜମିରେ ଥିବା ବୃକ୍ଷ ବାବଦକୁ କ୍ଷତିପୂରଣ, ଜଙ୍ଗଲ ସୁରକ୍ଷା କମିଟିକୁ କ୍ଷତିପୂରଣ ଏବଂ ନିଯୁକ୍ତି ସୁରକ୍ଷା ସଂପର୍କରେ ତ୍ରିପାକ୍ଷୀକ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀମତୀ ପଟୱାରୀ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଜିଲ୍ଲାପାଳ(ପାରାଦ୍ୱୀପ) କାହ୍ନୁଚରଣ ଧିର, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଚିନ୍ମୟୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଫେରୁଥିବା ସମୟରେ ଅନେକଙ୍କ ମୁହଁରୁ ଶୁଣିବାକୁ ମିଳୁଥିଲା **"ଜିଲ୍ଲାପାଳ ଭଲ"** ଏବଂ ଖୁସି ବ୍ୟକ୍ତ କରୁଥିବାର ଲକ୍ଷ୍ୟ କରାଯାଇଥିଲା।

### କଟକ...

**ଅନ୍ୟ ଅଫିସର୍‌ମାନେ ଉପସ୍ଥିତ ରହି ଗାଡି ମାଲିକଙ୍କୁ ଗାଡି ହସ୍ତାନ୍ତର କରିଛନ୍ତି। ଏ ବାବାଦରେ ଗାଡି ହାତେଇ ସାରିବା ପରେ ଡିସିପି ଓ କଟକ ପୋଲିସ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି ଗାଡି ମାଲିକ।**

### ତଦନ୍ତ...

ସଂପୃକ୍ତି ନାହିଁ। ଛୁଟିରେ ବି କେସ୍‌ଡାଏରୀ ଦାଖଲ କରାଯିବାର ଆବଶ୍ୟକ ଥିଲା। ତିନିଦିନ ଭିତରେ ସତକୁ ମିଛ କରିବା, କଳାକୁ ଧଳା କରିବା, ତଥ୍ୟ ପ୍ରମାଣକୁ ନଷ୍ଟ କରିଥିବା ତଦନ୍ତରୁ ଜଣାପଡୁଛି ବୋଲି କହିଛନ୍ତି ଲେଖାଶ୍ରୀ। ସୂଚନାଯୋଗ୍ୟ ଗତ କାଲି ଉତ୍ତରାଞ୍ଚଳ ଡିଆଇଜି ଦିପକ କୁମାର ପ୍ରେସ୍‌ମିଟ୍ କରି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ କ୍ଲିନ୍‌ଚିଟ୍ ଦେବାକୁ ସହଜେ ହଜମ କରିପାରିନାହାଁନ୍ତି କଂଗ୍ରେସ ଓ ବିଜେପି। ଗତକାଲି ପ୍ରେସ୍‌ମିଟ୍‌ରେ ତୃତୀୟ ପକ୍ଷ କେହି ସଂପୃକ୍ତି ନଥିବା ଡିଆଇଜି କହିଥିଲେ। ତେବେ ପୋଲିସ୍ କିଛି ଲୋକଙ୍କୁ ଘଷ୍ଟ ଘୋଡାଇବାକୁ ଉଦ୍ୟମ କରିଛି। ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ କ୍ଲିନ୍‌ଚିଟ୍ ଦେବାକୁ ପୋଲିସ୍ ଉଦ୍ୟମ କରୁଥିବା କହିଛି ବିଜେପି।


# ସାସଂଦଙ୍କୁ ବର୍ଷକୁ ମିଳିବ ୨ କୋଟି



**ନୂଆଦିଲୀ(ସଂପର୍କବାର୍ତ୍ତା):-** ଦୁଇ ବର୍ଷ ପରେ ପୁଣି ସାସଂଦ ହାତ ପାଣ୍ଠି ଫେରିବା ନେଇ କେନ୍ଦ୍ର କ୍ୟାବିନେଟ ନିଷ୍ପତି ନେଇଛନ୍ତି । ଏମପି ଲ୍ୟାଡ୍ ଫଣ୍ଡକୁ ପୁଣିଥରେ କ୍ରିୟାଶୀଳ ନେଇ କ୍ୟାବିନେଟ ମଞ୍ଜୁରୀ ମିଳିଛି।୨୦୨୧-୨୨ ପାଇଁ ଏମପି ଲାଡ ଭାବରେ ପ୍ରତ୍ୟେକ ସାସଂଦଙ୍କୁ ଦୁଇ କୋଟି ମିଳିବ । ଏଥି ସହିତ ନଭେମ୍ବର ୧୫କୁ ଜନଜାତୀୟ ଦିବସ ଭାବରେ ପାଳନ କରିବା ପାଇଁ କ୍ୟାବିନେଟ ନିଷ୍ପତ୍ତି ନେଇଛି । ବିର୍ଷା ମୁଣ୍ଡାଙ୍କ ଜୟନ୍ତୀରେ ପାଳନ ହେବ ଜନଜାତୀୟ ଗୌରବ ଦିବସ । ନଭେମ୍ବର ୧୫ ତାରିଖରୁ ସପ୍ତାହେ ଧରି ଚାଲିବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।

## ସୁଶାନ୍ତ ସିଂ ମୃତ୍ୟୁ ମାମଲା

# ଆମେରିକାର ସାହାଯ୍ୟ ଲୋଡିଲା ସିବିଆଇ



**ନୂଆଦିଲୀ(ସଂପର୍କବାର୍ତ୍ତା):-** ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁର ୧ ବର୍ଷ ପରେ ମଧ୍ୟ ସିବିଆଇ ଏହାର ଯାଞ୍ଚ ଜାରୀ ରଖିଛି। ରିପୋର୍ଟ ମୁତାବକ ସିବିଆଇ ଡିଲିଟ କରାଯାଇଥିବା ସୁଶାନ୍ତଙ୍କ ଡାଟା ହାଟଲ କରିବା ଆମେରିକାର ସହଯୋଗ ମାଗିଛି । ଭାରତ ଏବଂ ଆମେରିକା ମଧ୍ୟରେ ଗୁଗଲ ଓ ଫେସବୁକଙ୍କୁ ଏଥିନେଇ ସିବିଆଇ ଅନୁରୋଧ କରିଛି । ମୃତ୍ୟୁର ପ୍ରକୃତ କାରଣ ଏବେ ବି ଅସ୍ୱଷ୍ଟ ରହିଥିବାରୁ ସିବିସିଆଇ ଏହାର ଖିଅ ଖୋଜୁଛି । ୧୪ଜୁନ ୨୦୨୦ରେ ସୁଶାନ୍ତଙ୍କ ମୃତଦେହ ତାଙ୍କ ବାସଭବନ ସନ୍ଦିଗ୍ଧ ଅବସ୍ଥାରେ ମିଳିଥିଲା

# ମୂଷାଙ୍କୁ ବିଷ ନଦେଇ ଘରୁ ଏପରି ଘଉଡାନ୍ତୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମୂଷା ଅନେକ ଲୋକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଥାନ୍ତି । କେବଳ ଗ୍ରାମାଞ୍ଚଳ ନୁହେଁ ସହରମାନଙ୍କରେ ବି ମୂଷାଙ୍କ ବିପ୍ୱାତ ଘର ଠାରୁ ଆରମ୍ଭ କରି ବ୍ୟବସାୟ ପ୍ରତିଷ୍ଠାନ ପର୍ଯ୍ୟନ୍ତ ଲୋକମାନଙ୍କୁ ହଇରାଣ କରିଥାଏ । ଘରେ କପଡା ଠାରୁ ଆରମ୍ଭ କରି ରୋଷଇ ସରଞ୍ଜାମ ପର୍ଯ୍ୟନ୍ତ ମୂଷା ନଷ୍ଟ କରିଦେଇଥାଏ । ଏହାସହ ଅତ୍ୟାବଶକୀୟ କାଗଜପତ୍ର ବି ନଷ୍ଟ କରିଦେଇଥାଏ । ସେପଟେ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ମୂଷା ଥରେ ଆଡ୍ଡା ଜମାଇଲେ ପୁରା ବେପାର ବୁଡିଲା ବୋଲି ଜାଣନ୍ତୁ । ଏମାନଙ୍କୁ ସାଧାରଣ ଭାବେ ମାରିଦେବାର କିଛି ଉପାୟ ଆମେ ଅବଲମ୍ବନ କରିଥାଉ । ହେଲେ ଆସନ୍ତୁ ଜାଣିବା ସେମାନଙ୍କୁ ନମାରି କଉଳି ଦୂରେଇ ଦେଇଇ ହେବ ଯଦି ଆପଣ ବଜାରରେ ମିଳୁଥିବା ମୂଷାମରା ଔଷଧ ଆଣି କିଛି ଖାଦ୍ୟରେ ମିଶାଇ ସେମାନଙ୍କୁ ଖାଇବାକୁ ଦେଉଛନ୍ତି ତେବେ ତାହାଦ୍ୱାରା କିଛି ମୂଷା ମରିପାରନ୍ତି । ହେଲେ ଏହା ଆପଣଙ୍କୁ ଆଉଏକ ଅଡୁଆରେ ପକାଇବ । ମୂଷା କେଉଁ ଗଳି କନ୍ଦି କିମ୍ବା ଘରର କେଉଁ କୋଣରେ ପଡି ମରିବ ତାହା ଆପଣ ଜାଣିପାରିବେ ନାହିଁ । ହେଲେ କିଛି ଦିନ ପରେ ସେଠାରୁ ଏମିତି ଦୁର୍ଗନ୍ଧ ଆସିବ ଯେ ଆପଣ ସେଠାରେ ରହିବା ସମ୍ଭବ ହୋଇପାରିବ ନାହିଁ । ତେଣୁ ଏଭଳି କିଛି ଉପାୟ ଆପଣାନ୍ତୁ ଯାହାଦ୍ୱାରା ମୂଷା ଆପଣଙ୍କ ଘର କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ନିକଟକୁ ଜମା ଆସିବେ ନାହିଁ ।

ପୁଦିନା; ଯଦି ଆପଣଙ୍କ ଘରେ ମୂଷା ଉତପାତ କରୁଛି ତେବେ ଆପଣ ପୁଦିନା ପତ୍ର କିମ୍ବା ଫୁଲକୁ ଗୁଣ୍ଡକରି ମୂଷା ଗାତ କିମ୍ବା ସେମାନେ ଆସୁଥିବା ବାଟରେ ରଖିଦିଅନ୍ତୁ ।ଏହାର ବାସ୍ନାରେ ମୂଷାମାନେ ଆସିବା ବନ୍ଦ କରିଦେବେ । ତେଜପତ୍ର; ମସଲା ଭାବେ ବ୍ୟବହାର କରାଯାଉଥିବା ତେଜପତ୍ର ମୂଷା ଘଉଡାଇବାରେ ଆପଣଙ୍କୁ ସହାୟତା କରିପାରେ । କାରଣ ଏହାର ବାସ୍ନା ବେସ କଡା ହୋଇଥାଏ । ତେଣୁ ଆପଣଙ୍କ ଘରେ ଯେଉଁ ସ୍ଥାନରେ ଅଧିକ ମୂଷା ହେଉଛନ୍ତି ସେଠାରେ ତେଜପତ୍ର ଗୁଣ୍ଡ କରି ରଖିଦିଅନ୍ତୁ ।

ନାଲି ଲଙ୍କା; ଆମେ ଖାଦ୍ୟରେ ବ୍ୟବହାର କରୁଥିବା ନାଲି ଲଙ୍କାର ଗୁଣ୍ଡକୁ ଯଦି ମୂଷା ଆସୁଥିବା ସ୍ଥାନରେ ରଖିଦେବା ତାର କିଛି ସମୟ ପରେ ଆପଣ ଦେଖିବେ ମୂଷା ବାହାରୁ ଘରକୁ ଆସିବା ପରିବର୍ତ୍ତେ ସେମାନେ ଘରୁ ଯିବାକୁ ବାଟ ପାଇବେ ନାହିଁ।

ପିଆଜ; ମୂଷାମାନଙ୍କୁ ପିଆଜର ବାସ୍ନା ବିଲକୁଲ ପସନ୍ଦ ନୁହେଁ । ଏହି କାରଣରୁ ମୂଷା ଗାତରେ ପିଆଜ କାଟି ରଖିଦିଅନ୍ତି କିମ୍ବା ମୂଷା ଯେଉଁ ଘରକୁ ବେସି ଯା କରୁଛନ୍ତି ସେଠାରେ ପିଆଜ ଟୁକୁଡା ପିଆଜ ଟୁକୁଡା ପକାଇ ଦିଅନ୍ତୁ ତେବେ ଦେଖିବେ ମୂଷା ଘର ଭିତରକୁ ଆସିବା ବନ୍ଦ ହୋଇଯିବ ।

# ସ୍ୱାମୀଙ୍କୁ ଛାଡି ଦେବାକୁ ସ୍ତ୍ରୀର ଗୁହାରୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସ୍ୱାମୀଙ୍କୁ ଖୋଜିବାକୁ ବାହାରିପଡିଛନ୍ତି ସ୍ତ୍ରୀ ।କୋଳରେ ଅଛି ୩ବର୍ଷର ପୁଅ ।ନକ୍ସଲ ଦ୍ୱାରା ଅପହୃତ ଇଞ୍ଜିନିୟର ଅଜୟ ରୋଷନଙ୍କୁ ଜଙ୍ଗଲରେ ଖୋଜି ବୁଲୁଛନ୍ତି ତାଙ୍କ ସ୍ତ୍ରୀ ଅର୍ପିତା ସ୍ୱାର୍ମୀଙ୍କୁ ସେମାନଙ୍କ କବଳରୁ ଫେରାଇ ଆଣିବାକୁ ବାହାରିପଡିଛନ୍ତି ।ମନରେ ନାହିଁ ।ଭୟ ଧୌର୍ଯ୍ୟ ଓ ସାହାସ ଧରି ସେ ଜଙ୍ଗଲକୁ ବାହାରିପଡିଛନ୍ତି ।ସ୍ୱାମୀକୁ ଯେଉଁମାନେ ଅପହରଣ କରିଛନ୍ତି ତାଙ୍କୁ ଛାଡି ଦେବାକୁ ଗୁହାରୀ କରିଛନ୍ତି । ସୂଚନା ଅନୁଯାୟୀ , ଛତିଶଗଡ ବିଜାପୁର ଇଞ୍ଜିନିୟର ଅଜୟ ରୋଷନଙ୍କୁ ମାଓବାଦୀମାନେ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର କାମ ତଦାରଖ କରିବା ପାଇଁ ଇଞ୍ଜିନିୟର ଅଜୟ ରୋଷନ ତାଙ୍କର ଜଣେ ସହଯୋଗୀ କର୍ମଚାରୀଙ୍କ ସହ ବିଜାପୁର ଜିଲ୍ଲାର କରୁନା ଏବଂ ମକେଲିକୁ ଯାଇଥିଲେ ।ମାତ୍ର ସେଠାକୁ ଆଉ ଫେରିନାହାନ୍ତି । ସହଯୋଗୀ କର୍ମଚାରୀଙ୍କ ସହ ସେ ମଧ୍ୟ ନକ୍ସଲ ଦ୍ୱାରା ଅପହୃତ ହୋଇଥିବା କୁହାଯାଉଛି । ସ୍ୱାମୀଙ୍କ ଅପହୃତ ଖବର ଶୁଣିବା ପରେ ନିଜ କୁନି ପୁଅକୁ ନେଇ ଜଙ୍ଗଲ ଭିତରେ ସେ ଖୋଜିବାକୁ ବାହାରିପଡିଛନ୍ତି ।ଏହି ମଧ୍ୟରେ ଅର୍ପିତା କହିଛନ୍ତି , ତାଙ୍କ ସ୍ୱାମୀ ଜଣେ ସରକାରୀ ।ତାଙ୍କର କୌଣସି ଭୁଲ ହୋଇଛି ତାହେଲେ କ୍ଷମା କରିଦିଅନ୍ତୁ । ହେଲେ ତାଙ୍କୁ ଛାଡି ଦିଅନ୍ତୁ । ଗ୍ରାମବାସୀ ମଧ୍ୟ ତାଙ୍କୁ ଛାଡି ଦେବାକୁ ନିବେଦନ କରିଛନ୍ତି



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ନଭେମ୍ବର ୧୫ ରୁ ୨୨, ୨୦୨୧, ଜଗତସିଂହପୁର

November 15 to 22, 2021, Jagatsinghpur

www.samparkabarta.in




## ଏ ଆନ୍ଦୋଳନ ସରିନି, ଜାରି ରହିବ ଲଢେଇ:ଚିରଞ୍ଜୀବ



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମମିତା ମେହେର ହତ୍ୟା ପ୍ରସଙ୍ଗରେ ରାଜ୍ୟରେ କଂଗ୍ରେସ ଦେଇଥିବା ବନ୍ଦ ଡାକରା ସଫଳ ହୋଇଛି । ଏଥିପାଇଁ ରାଜ୍ୟବାସୀଙ୍କୁ ଅଶେଷ ଧନ୍ୟବାଦ । ହାଇକୋର୍ଟ ଆଦେଶ ମାନି ହରତାଳ କରିଥିବାରୁ କଂଗ୍ରେସ କର୍ମୀଙ୍କୁ ମଧ୍ୟ ଧନ୍ୟବାଦ । ଏକଥା କହିଛନ୍ତି । କଂଗ୍ରେସ ନେତା ଚିରଞ୍ଜିବ ବିଶ୍ୱାଳ । ସେ କହିଛନ୍ତି ଏହି ଏ ଆନ୍ଦୋଳନ ଏତିକିରେ ଶେଷ ହେବନି । ବନ୍ଦ ହେବ ନାହିଁ, ବରଂ ଆଗକୁ ବି ଏ ଲଢେଇ ଜାରି ରହିବ । ମମିତା ମେହେରଙ୍କୁ ଯେ ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ ଓ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଇସ୍ତଫା ଦେଇନାହାନ୍ତି ସେ ପର୍ଯ୍ୟନ୍ତ କଂଗ୍ରେସ ଚୁପ ହୋଇ ବସିବ ନାହିଁ । ଦରକାର ପଡିଲେ ଉଚ୍ଚ ନ୍ୟାୟାଳକୁ ଯିବ କଂଗ୍ରେସ ବୋଲି ସେ କହିଛନ୍ତି ।

## ସ୍କୁଟିରୁ ଟେକିନେଇ ନାବାଳିକାକୁ ଗଣଦୁଷ୍କର୍ମ

**୪ ଅଭିଯୁକ୍ତ ଗିରଫ**

**ରାଜଗାଙ୍ଗପୁର(ସଂପର୍କବାର୍ତ୍ତା):-** ରାଜଗାଙ୍ଗପୁର ଥାନା ଅଂଚଳରେ ୧୬ ବର୍ଷୀୟା ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପୁଲିସ ଘଟଣାର ତଦନ୍ତ କରି ୪ଅଭିଯୁକ୍ତଙ୍କୁ ଗରିଫକରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଫସଲାକାନି ଗ୍ରାମର ସଜୟ(୩୦), ଅଜିତ କିସପଟ୍ଟା(୩୦), ନନ୍ଦ ଓରଫ ରାଜକୁମାର(୩୫) ଓ ରନକୁ କିସପଟ୍ଟା(୪୩) ଅଭିଯୋଗ ଅନୁସାରେ ୧୦ତାରଖ ଦିନ ସମ୍ପୃକ୍ତା ନାବାଳିକା ଏକ ସ୍କୁଟିରେ ଜଣେ ସମ୍ପର୍କୀୟ ସହ ଫେରୁଥିବା ବେଳେ ନିଛାଟିଆ ସ୍ଥାନରେ ଅଭିଯୁକ୍ତମାନେ ସ୍କୁଟି ଅଟକାଇଥିଲେ । ସେମାନେ ସ୍କୁଟିଚାଳକ ସମ୍ପର୍କୀୟଙ୍କୁ ମାଡମାରି ଭଗାଇ ଦେଇଥିବା ବେଳେ ନାବାଳିକାଙ୍କୁ ନିକଟସ୍ଥ ପଡିଆକୁ ଟେକିନେଇ ଦୁଷ୍କର୍ମ କରିଥିଲେ । ଏ ବାବଦରେ ବାହାରେ ପ୍ରକାଶ କଲେ । ଜୀବନୀରୁ ମାରି ଦେବାର ଧମକ ଦେଇଥିଲେ । ନାବାଳିକା ଘରେ ପହଂଚି ସବୁକଥା ପ୍ରକାଶ କରିବା ପରେ ପରିବାର ପକ୍ଷରୁ ଗତକାଲି ଅଭିଯୋଗ କରାଯାଇଥିଲା ଥାନାଧିକାରୀ ବିବସ୍ୱ ପ୍ରଧାନ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତ ଓ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି ।

## ଭାଜପାକୁ ୟୁପିରୁ ତଡିଦେବେ ଚାଷୀ, ଆଂଚଳିକ ଦଳ



**ନୂଆଦିଲୀ(ସଂପର୍କବାର୍ତ୍ତା):-** ଆଗାମୀ ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଚାଷୀଙ୍କ ଆନ୍ଦୋଳନ ଓ ଆଂଚଳିକ ଦଳ ଉତ୍ତର ପ୍ରଦେଶରୁ ଭାଜପାକୁ ଓପାଡି ଫିଙ୍ଗିବେ । ଗୁରୁବାର ଏଭଳି ଦୃଢୋକ୍ତି ଦେଇଛନ୍ତି ସମାଜବାଦୀ ପାର୍ଟି (ସପା) ମୁଖ୍ୟ ଅଖିଳେଶ ଯାଦବ । ୟୁପିର ମୁଜାଫରନଗର ଜିଲ୍ଲାରେ ଏକ ରାଲିକୁ ସମ୍ବୋଧନ ଦେଇ ଅଖିଳେଶ କହିଛନ୍ତି, ୨୦୨୨ ରେ ନିଶ୍ଚିଚ୍ଛ ପରିବର୍ତ୍ତନ ଆସିବ । ସ୍ଥାନୀୟ ନେତା ଓପି ରାଜଭର ଦଳରେ ଯୋଗଦେବା ପରେ ମୁଜାଫରନଗରବାସୀ ସମାଜବାଦୀ ପାର୍ଟିକୁ ନିରାଶ କରିବେ ନାହିଁ । ପୂର୍ବାଂଚଳରେ ଭାଜପା ପାଇଁ ଦ୍ୱାରା ବନ୍ଦ ହୋଇସାରିଛି । ପଶ୍ଚିମ ୟୁପିରେ ମଧ୍ୟ ଭାଜପା ପଶି ପାରିବ ନାହିଁ । କାରଣ ସେଠାରେ ଚାଷୀମାନେ କୃଷି ଆଇନ ବରୋଧରେ ଜୋରଦାର ଆନ୍ଦୋଳନ ଜାରି ରଖିଛନ୍ତି । ସେମାନେ କେମିତି ସରକାରକୁ ଫେରିବେ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାରରେ ଦୁଇ ବର୍ଷ ପାଇଁ ମନ୍ତ୍ରୀ ଥିଲେ ଏସ୍‌ବିଏସ୍‌ପି ନେତା ରାଜଭରା ୟୁପି ବିଧାନସଭାର ୪୦୩ ବିଧାୟକଙ୍କ ମଧ୍ୟରେ ଅଛନ୍ତି ଏସ୍‌ବିଏସ୍‌ପି ପାର୍ଟିର ୪ସଦସ୍ୟ । ଏହି ଦଳର ବିଧାୟକଙ୍କ ସଂଖ୍ୟା କମ୍ ଥିଲେ ମଧ୍ୟ ୟୁପିର ପୂର୍ବାଂଚଳରେ ଏହାର ବେଶ ପ୍ରଭାବ ରହିଛି । ଏବେ ସପା ସହ ହାତ ମିଳାଇଛି ଏସ୍‌ବିଏସ୍‌ପି କିନ୍ତୁ ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ଭାଗ ବଣ୍ଟା ଛିଡି ନାହିଁ ।

## ଲେଖାଶ୍ରୀ ଓ ସୁଦୀପ୍ତଙ୍କୁ ପୁରସ୍କାର ଇଣ୍ଡିଆନ ଅଏଲରେ ନିଯୁକ୍ତି



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଜେପି ନେତା ସୁଦୀପ୍ତ ରାୟ ଓ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ନୂଆ ଦାୟିତ୍ୱ । ସୁଦୀପ୍ତ ରାୟଙ୍କୁ ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ ଭାବେ କରାଯାଇଛି ନିଯୁକ୍ତ । ପ୍ରଥମ ଓଡିଆ ଭାବରେ ସୁଦୀପ୍ତଙ୍କୁ ମିଳିଲା ଏହି ଦାୟିତ୍ୱ । ସେହିଭଳି ଲେଖାଶ୍ରୀଙ୍କୁ ଭେଲର ସ୍ୱାଧୀନ ନିର୍ଦ୍ଦେକ ଭାବେ ମିଳିଲା ଦାୟତ୍ୱ । ବର୍ତ୍ତମାନ ସୁଦୀପ୍ତ ରାୟ ରାଜ୍ୟ ବିଜେପିର ମୁଖ୍ୟପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାର ରାଜ୍ୟ ବିଜେପିର ସମ୍ପାଦିକା ଅଛନ୍ତି ।

## ରାଜ୍ୟପାଳ ହେବେ କି ବାବା ପ୍ରସନ୍ନ ପାଟ୍ଟଶାଣୀ ?



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଭୁବନେଶ୍ୱରର ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରସନ୍ନ ପାଟ୍ଟଶାଣୀ ଭାରତର କୌଣସି ରାଜ୍ୟର ରାଜ୍ୟପାଳ ହୋଇପାରନ୍ତି ବୋଲି ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ବିଜେଡିରେ ଏକ ପ୍ରକାର କୋଣଠେସା ହୋଇଯାଇଥିବା ବାବା ପ୍ରସନ୍ନ ବିଜେଡି ପ୍ରତି ଅସନ୍ତୋଷ ଅଛନ୍ତି । ଖୁବ୍ ଶୀଘ୍ର ତାଙ୍କ ସମର୍ଥକଙ୍କ ସହିତ ବିଜେପିରେ ଯୋଗ ଦେଇପାରନ୍ତି ବୋଲି ଆଲୋଚନା ହେଉଛି । ସେ ବିଜେପିରେ ଯୋଗଦେବା ଏବଂ ଉତ୍ତର ପ୍ରଦେଶ ନିର୍ବାଚନ ଶେଷ ହେବା ପରେ ତାଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତି କରାଯାଇପାରେ ବୋଲି ଶୁଣିବାକୁ ମିଳୁଛି । କୁହାଯାଉଛି ଯେ, ପଞ୍ଚାୟତ ନିର୍ବାଚନ ପୂର୍ବରୁ ସେ ବିଜେପିରେ ଯୋଗଦେବେ । ବାରମ୍ବାର ଲମ୍ବା ବ୍ୟବଧାନରେ ଭୁବନେଶ୍ୱର ପରି ଗୁରୁତ୍ୱପୂର୍ଣ୍ଣ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହେଉଥିବା ପ୍ରସନ୍ନଙ୍କୁ କିନ୍ତୁ ୨୦୧୯ରେ ଟିକେଟ୍ ମିଳିନଥିଲା । ବିଜେଡି ପକ୍ଷରୁ ପୂର୍ବତନ ମୁମ୍ବାଇ ପୋଲିସ୍ କମିଶନର ଅରୁପ ପଟ୍ଟନାୟକଙ୍କୁ ଟିକେଟ୍ ଦିଆଯାଇଥିଲା । ଯେଉଁ ଆସନରୁ ପ୍ରସନ୍ନ ଲମ୍ବା ବ୍ୟବଧାନରେ ବିଜୟୀ ହେଉଥିଲେ ସେହି ଆସନରୁ କିନ୍ତୁ ଅରୂପ ବିଜେପିର ଅପରାଜିତା ଷଡଙ୍ଗୀଙ୍କ ଠାରୁ ପରାଜିତ ହୋଇଥିଲେ । ତେବେ ପ୍ରସନ୍ନଙ୍କ ଟିକେଟ୍ ପ୍ରଦାନରୁ ବଞ୍ଚିତ କରାଯାଇଥିଲେ ମଧ ତାଙ୍କୁ ରାଜ୍ୟସଭା ପଠାଯିବା ପାଇଁ ଆଶ୍ୱାସନା ଦିଆଯାଇଥିଲା । ଇତି ମଧରେ ଦୁଇ ବର୍ଷ ବିତିଯାଇଥିଲେ ମଧ ତାଙ୍କୁ ରାଜ୍ୟସଭା ପଠାଯାଇନାହିଁ । ଫଳରେ ଏହାକୁ ନେଇ ସେ ଅସନ୍ତୁଷ୍ଟ ଅଛନ୍ତି । ସେହିପରି ରାଜଧାନୀରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ମଧ ତାଙ୍କୁ ଦେଖିବାକୁ ମିଳୁନାହିଁ । ଏ ସବୁକୁ ନେଇ ଅସନ୍ତୋଷରେ ଥିବା ପ୍ରସନ୍ନ ବିଜେପିରେ ଯୋଗଦେବେ ବୋଲି ବିଭିନ୍ନ ସ୍ଥାନରେ ଚର୍ଚ୍ଚା ହେଉଛି । ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତେବେ ପ୍ରସନ୍ନ ପାଟ୍ଟଶାଣୀ ରାଜ୍ୟପାଳ ହୋଇପାରନ୍ତି ବୋଲି ମଧ ଆଲୋଚନା ହେଉଛି ।

## ବରଗଡରେ ମନ୍ତ୍ରୀ ଟୁକୁନି ସାହୁଙ୍କ ଗାଡିକୁ ଅଣ୍ଡା ମାଡ

**ଭୁବନେଶ୍ୱର(ଓଡିଶା ଭାସ୍କର):-** ପୁଣି ଥରେ ମନ୍ତ୍ରୀଙ୍କ ଗାଡି ଉପରକୁ ହୋଇଛି ଅଣ୍ଡାମାଡ । ଆସନ୍ତା କାଲି ବରଗଡରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁଙ୍କ ଗାଡି ଉପରକୁ ହୋଇଛି ଅଣ୍ଡା ମାଡ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବରଗଡରେ ଯାଇଥିବା ବେଳେ ଟୁକୁନିଙ୍କ ଗାଡି ଉପରକୁ ଅଣ୍ଡାମାଡ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ଟୁକୁନି ସାହୁଙ୍କୁ ଏକ ଘରେ ବନ୍ଦ କରିଥିଲେ କଂଗ୍ରେସ ସଦସ୍ୟ । ମମିତା ମେହେର ହତ୍ୟାକାଣ୍ଡରେ ନ୍ୟାୟ ଦାବି କରି ଟୁକୁନିଙ୍କୁ ଅଙ୍ଗନବାଡି ଘରେ ବନ୍ଦକରି ଦେଇଥିଲେ ।

## ଓଡ଼ିଶାକୁ କେନ୍ଦ୍ର ଦେଲା ୪୬୧.୭୬୭୩ କୋଟି

**ଦିଲ୍ଲୀ(ସଂପର୍କବାର୍ତ୍ତା):-** ଓଡ଼ିଶା ସମେତ ୧୯ ରାଜ୍ୟର ଗ୍ରାମୀଣ ସହରାଞ୍ଚଳ ପ୍ରଶାସନକୁ ଅର୍ଥ ମନ୍ତ୍ରଣାଳୟ ୮,୪୫୩ କୋଟି ୯୨ଲକ୍ଷ ଟଙ୍କା ରିଲିଜ୍ କରାଯାଇଛି । ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ୍ କ୍ରମେ ଏହି ଅନୁଦାନ ଜାରି କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିରୁ ଓଡ଼ିଶାକୁ ୪୬୧ କୋଟି ୭୬ଲକ୍ଷ ୭୩ହଜାର ଟଙ୍କା ଅନୁଦାନ ମିଳିଛି । ପ୍ରାଥମିକା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖର୍ଚ୍ଚ କରାଯିବ ଏହି ଅନୁଦାନ । ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ରହିଥିବା ଅଭାବ ଦୂର କରିବା ସହ ଏହି କ୍ଷେତ୍ରକୁ ସୁଦୃଢ କରାଯିବା ଲକ୍ଷ୍ୟ ରଖାଯାଇଛି ।

ସ୍ଥାନୀୟ ପ୍ରଶାସନଗୁଡିକୁ ୨୦୨୧-୨୨ ଓ ୨୦୨୫-୨୬ ମଧ୍ୟରେ ମୋଟ ୪ଲକ୍ଷ ୨୭ହଜାର ୯୧୧କୋଟି ଟଙ୍କା ଅନୁଦାନ ଜାରି କରିବା ଲାଗି ପଞ୍ଚଦଶ ଅର୍ଥ ଆୟୋଗକୁ ସୁପାରିଶ କରାଯାଇଥିଲା । ଗ୍ରାମୀଣ କ୍ଷେତ୍ରରେ ଥିବା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଦାନ ଭିତ୍ତିଭୂମି ପାଇଁ ସହାୟତା ୧୬ହଜାର ୩୭୭ କୋଟି ଟଙ୍କା, ସେହିପରି ଗ୍ରାମାଞ୍ଚଳ ବ୍ଲକ୍‌ସ୍ତରୀୟ ଜନସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ୫,୨୭୯ କୋଟି ଟଙ୍କା ଏବଂ ଗ୍ରାମାଞ୍ଚଳ ଅଟାଳିକା ନଥିବା ଉପସ୍ୱାସ୍ଥ୍ୟକେନ୍ଦ୍ର, ଜନସ୍ୱାସ୍ଥ୍ୟ କେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଟାଳିକା ନିର୍ମାଣ ୭୧୬୭ କୋଟି ଟଙ୍କା ଖର୍ଚ୍ଚ କରାଯିବ ଏବଂ ଗ୍ରାମୀଣ ଜନସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପକେନ୍ଦ୍ରଗୁଡିକ ସ୍ୱାସ୍ଥ୍ୟ ଏବଂ ୱେଲ୍‌ନେସ୍ କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ୧୫ହଜାର ୧୦୫ କୋଟି ଟଙ୍କା, ସହରାଞ୍ଚଳ ପ୍ରଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଦାନ ଭିତ୍ତିଭୂମି ପାଇଁ ୧୦୯୫ କୋଟି ଟଙ୍କା ଓ ସହରାଞ୍ଚଳ ସ୍ୱାସ୍ଥ୍ୟ ପାଇଁ ୨୪୦୨୮ କୋଟି ଟଙ୍କା ଟଙ୍କା ଅନୁଦାନ ବ୍ୟବସ୍ଥା କରାଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଖାଯାଉଥିବା ଅଭାବ ଦୂର କରିବା ଲାଗି ଏହି ଅର୍ଥ ଖର୍ଚ୍ଚ କରାଯିବ ।

## ବରିପଡ଼ାର ୰ କୃଷ୍ଣଚନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳୀ ସଭା

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା କୃଷ୍ଣଦାସପୁର ପଞ୍ଚାୟତର ବରିପଡା ଗ୍ରାମରେ ବିଶିଷ୍ଟ ଶିକ୍ଷାବିତ୍ ,ସମାଜସେବୀ,କୃଷିବିଜ୍ଞାନୀ,ପରିବେଶପ୍ରେମୀ ,ସଂସ୍କୃତି ପ୍ରିୟ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହେଉାଇଯାଇଛି । ଏହି ଅବସରରେ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ,ସ୍ମୃତି ଚାରଣ ସଭା ଏବଂ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ କୃଷକ ଗୌରବ ସମ୍ମାନ ସମ୍ବର୍ଦ୍ଧନା ପର୍ବକୁ ବିଶିଷ୍ଟ ସାହିତ୍ୟିକ ,ନବକାକଳୀର ସଂପାଦକ ଡଃ.ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଓଷ୍ଟାର ଉପଦେଷ୍ଟା ନିରଞ୍ଜନ ପଣ୍ଡା,ଶିକ୍ଷାବିତ୍ ମହେଶ କୁମାର ଚୌଧୁରୀ,କବି ପରମାନନ୍ଦ ମିଶ୍ର,କବୟିତ୍ରୀ ପ୍ରତିଭାରାଣୀ ରାୟ ଏବଂ ବରିଷ୍ଠ ସାରସ୍ୱତ ସାଧକ କୃଷ୍ଣଚନ୍ଦ୍ର ନନ୍ଦ ଯୋଗଦେଇ ସ୍ୱର୍ଗତ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରିଥିଲେ । କବୟତ୍ରୀ ଆରତି ତ୍ରିପାଠୀଙ୍କ ସଂଯୋଜନାରେ କବି ଓ କବୟତ୍ରୀ ମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ସଭାର ପ୍ରାରମ୍ଭରେ ଜ୍ୟେଷ୍ଠପୁତ୍ର ଇଂ.ଅଶୋକକୁମାର ଆଚାର୍ଯ୍ୟ ଅତିଥିପରିୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଶେଷରେ କନିଷ୍ଠପୁତ୍ର ଇଂ.ଦୀପକ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ ଛାତ୍ରଛାତ୍ରୀଙ୍କ ସଟପିଆଇ ପରିଦର୍ଶନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଶ୍ୱ ବିଜ୍ଞାନ ଦିବସ ଅବସରରେ ସାଇ ଇଣ୍ଟରନ୍ୟାସନାଲର ଛାତ୍ରଛାତ୍ରୀ ସଟପିଆଇ ପରିଦର୍ଶନ କରିଛନ୍ତି । ୩୦ ଜଣ ଛାତ୍ର ଛାତ୍ରୀ ସଫ୍ଟଟେର ଟେକନଲୋଜି ପାର୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଶାଖା ପରିଦର୍ଶନରେ ଯାଇଥିଲେ । ଛାତ୍ରଛାତ୍ରୀମାନେ ସମ୍ପୂର୍ଣ୍ଣ କ୍ୟାମ୍ପସ୍, ଡାଟା ସେଣ୍ଟର ଇକୋକ୍ରୋପ୍ରେନର ପାର୍କ, ଫେବ୍ରିକେସନ୍ ଲ୍ୟାବ, ଷ୍ଟାଣ୍ଡାର୍ଡ ଡାଟା ସେଣ୍ଟର ଆଦି ବୁଲି ଦେଖୁଥିଲେ । ଛାତ୍ରଛାତ୍ରୀମାନଙ୍କ ମନରେ ଉଦ୍ୟୋଗପତି ହେବାର ଆଗ୍ରହ, ଡିଜିଟାଲ୍ ଇଣ୍ଡିଆର ସ୍ୱପ୍ନକୁ ସାକାର କରିବା ସହ ପ୍ରଯୁକ୍ତିବିଦ୍ୟାରେ ଭାରତକୁ ସୁପର କରିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲ । ଏସଟିପିଆଇ ଭୁବନେଶ୍ୱରରେ ଅନେକ ଷ୍ଟାର୍ଟଅପ୍ ଫିନଟେକ୍ କମ୍ପାନୀ ଯେପରିକି ଆଇସର୍ଭୟୁ, ପିନାକିଲ୍ ଇଣ୍ଟେଲିବିଏମ୍, ନୋକିଆ ସିମେନ, ସେଣ୍ଟ୍ରାଲ୍ ବ୍ୟାଙ୍କ ପରି ଅନେକ ସଂସ୍ଥା ରହିଛି । ଏସଟିପିଆଇ ଦ୍ୱାରା ଆୟୋଜିତ କୁଇଜ୍ ପ୍ରତିଯୋଗୀତାରେ ସାଇ ଇଣ୍ଟରନ୍ୟାସନାଲ୍ ସହ ଅନ୍ୟାନ୍ୟ ସ୍କୁଲ ମଧ୍ୟ ଭାଗନେଇଥିଲେ । ଏହି ପ୍ରତି ଯୋଗୀତାରେ ସାଇ ଇଣ୍ଟରନ୍ୟାସନାଲ୍ ରେସିଡେନ୍ସିଆଲ୍ ସ୍କୁଲର ଦୁଇଜଣ ପ୍ରଥମ ଏବଂ ତୃତୀୟ ସ୍ଥାନ ଅଧୁକାର କରିଥିବାବେଳେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଜଣେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା

## ସତ ଖବରରେ ସାଂସଦ ବସନ୍ତ ପଣ୍ଡା ଅଶାନ୍ତ




**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମମିତା ହତ୍ୟା ମାମଲାରେ ସତ ଦେଖାଇଛି ନନ୍ଦଘୋଷ ଟିଭି । କେବଳ ରାଜନୈତିକ ନାଟକବାଜି ଛାଡି ତଦନ୍ତର ସବୁ ଦିଗକୁ ଉପସ୍ଥାପନ କରିଯାଇଛି । ହେଲେ ପ୍ରଶ୍ନ, ନନ୍ଦଘୋଷ ଟିଭିକୁ ସାଂସଦ ବସନ୍ତ ପଣ୍ଡାଙ୍କ ଏତେ ଭୟ କାହିଁକି ? ତାଙ୍କ ବକ୍ତବ୍ୟରୁ ତାଙ୍କର ଭୟ ସମ୍ପୂର୍ଣ୍ଣ ଧରାପଡିଯାଇଛି । ଭୟ ଏଥିପାଇଁ କି ଯେ, ନନ୍ଦିଘୋଷ ଟିଭି ବସନ୍ତ ପଣ୍ଡାଙ୍କ ଅସଲ କଥାକୁ ପଦାରେ ପକାଇଦେଲା ମହାଲିଙ୍ଗରେ ବସନ୍ତ ପଣ୍ଡା କେମିତି ହଟହଟା ହେଲେ ଆଉ ମହାଲିଙ୍ଗ ସଭାରୁ କେମିତି ପଳାୟନ କଲେ ତାର ଚିତ୍ର ନନ୍ଦଘୋଷ ଟିଭି ପ୍ରସାରଣ କରିଛି । କିନ୍ତୁ ଏହାକୁ ବସନ୍ତ ପଣ୍ଡା ମୁଛ ବୋଲି କହିବା ସହ ନନ୍ଦଘୋଷର ସଂଜ୍ଞା ବୁଝାଇବାକୁ ଚେଷ୍ଟା କରିଛନ୍ତି । ନନ୍ଦିଘୋଷର ଟିଭି ସରକାରଙ୍କ ହାତ ବାରିସୀ ସାଜିଛି । ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି । ରାଗ କାହା ଉପରେ ଶୁଝାଉଛନ୍ତି ଆଉ କାହାକୁ ଦେଖନ୍ତୁ ବାସ୍ତବ ଚିତ୍ର । ସତ କଣ ଆଉ ମିଛ କଣ । ପୂରା ଘଟଣାଟି ହେଲା ନଭେମ୍ବର ୭ ତାରିଖରେ କଳାହାଣ୍ଡି ସାଂସଦ ତଥା ବିଜେପିର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଏକ ସାଧାରଣରେ ସଭା ଆୟୋଜନ କରିଥଲେ । ଅସଲରେ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଏଭଳି ସଭାସମିତି ବିଜେପି ଆୟୋଜନ କରୁଛି । ମମିତା ମେହେର ହତ୍ୟା ଘଟଣାକୁ ସଭା ସହ ନିଜ ରାଜନୈତିକ ଫାଇଦା ପାଇଁ ଯୋଡି ଦିଆଯାଇଛି । ଏହାକୁ ସାଧାରଣ ଲୋକ ଠିକରେ ବୁଝିସାରିଲେଣି । ସେଥିପାଇଁ ମହାଲିଙ୍ଗରେ ବସନ୍ତ ପଣ୍ଡାଙ୍କ ସଭାରେ ସାଧାରଣ ଲୋକ ନାନା ପ୍ରଶ୍ନ ପଚାରି ବସନ୍ତଙ୍କୁ ଘାଇଲା କରିବା ସହ ସଭା କରାଇ ଦେଇନଥିଲେ । ଲୋକଙ୍କ ଆକ୍ରୋଶ ଦେଖି ବସନ୍ତ ପଣ୍ଡା କିଛି ମହିଳାଙ୍କ ସହ ସେ ସ୍ଥାନ ଛାଡି ଚାଲିଯାଇଥିଲେ । ଏହାପରେ ବସନ୍ତ ପଣ୍ଡା ଯାଇଥିଲେ ଗୋଲାମୁଣ୍ଡା ବ୍ଲକର ଫରାଙ୍ଗ । ସେଠାରେ ବସନ୍ତଙ୍କ ଗାଡିକୁ ଅଣ୍ଡା ମାଡ ହୋଇଥଲେ । ଏହାର ଚିତ୍ର ମଧ୍ୟ ଆମେ ଦେଖାଇଥିଲୁ । ଯାହା ଭିଜୁଆଲରେ ରହିଛି ତାହା ହିଁ ଆମେ କହିଥିଲୁ ବସନ୍ତ ପଣ୍ଡା ଭଳି କିଛି ବି ମନଗଢା କଥା କହିନଥିଲୁ । ୰ ମମିତା ମେହେରଙ୍କ ବାପା ଓ ବଡବାପା ବାରମ୍ବାର କହିଲେଣି ଯେ, ସେମାନେ ପୋଲସି ତଦନ୍ତରେ ସନ୍ତୁଷ୍ଟ । ରାଜନୈତିକ ଦଳ ଓ ଗଣମାଧ୍ୟମକୁ ନିବେଦନ କରିଛନ୍ତି ଯେ, ମମିତାକୁ ନେଇ ରାଜନୀତି କରାନଯାଉ । ମମିତା ରାୟପୁର କେବେ ଯାଇନାହାଁନ୍ତି । ସେ ରାୟପୁର ଯାଇଥିଲେ ବୋଲି କହି ତାଙ୍କ ଚରିତ୍ର ସଂହାର କରାନଯାଉ । ବିଜେପି ତାର ଅଭିଯାନ ଜାରି ରଖିଛି । ଏହା ପଛର ଉଦ୍ଦେଶ୍ୟ ସାଧାରଣ ଲୋକେ ବୁଝିସାରିଛନ୍ତି । ବିଜେପି ତାର ଉଦ୍ୟମ ଜାରି ରଖୁ । ସେ କଥା ସାଧାରଣ ଲୋକେ ବୁଝିବେ । କିନ୍ତୁ ନନ୍ଦିଘୋଷ ଟିଭି ଉପରେ ଏଭଳି ଟିପ୍ପଣୀ ଦେବା ତାଙ୍କ ଭିତରେ ଥିବା ଭୟକୁ ହିଁ ପଦାରେ ପକାଉଛି ।

## ସମାଜସେବୀ ବେଣୁଧର ସ୍ୱାଇଁଙ୍କ ମହାନତା



**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ନିକଟସ୍ଥ ନେଉଟିଆକଣ ଆଜି ପବିତ୍ର ଅଁଳା ନବମୀ ତିଥୀରେ ଇଶାଣୀ ବ୍ରହ୍ମପୁର ଗ୍ରାମରେ ଥିବା ଜରାନିବାସର ଅନ୍ତେବାସୀ ବୃଦ୍ଧବୃଦ୍ଧା ଓ ଦୃଷ୍ଟିହୀନ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହିତ ସେମାନଙ୍କୁ ପାଦ ଧୌତ କରି ନୂତନ ଯୋତା ପିନ୍ଧାଇଥିଲେ ସମାଜସେବୀ ବେଣୁଧର ସ୍ୱାଇଁ । ପ୍ରକାଶଥାଉକି, ପ୍ରତିବର୍ଷ ଅଁଳା ନବମୀରେ ସମାଜସେବୀ ଶ୍ରୀ ସ୍ୱାଇଁ ବୃଦ୍ଧବୃଦ୍ଧା ଓ ଦୃଷ୍ଟିହୀନ ମାନଙ୍କୁ ଡକାଇ ସେମାନଙ୍କୁ ଭୋଜନ ଓ ପୁଷ୍ପମାଲ୍ୟ, ଉପଢୌକନ ପ୍ରଦାନ କରିଥାନ୍ତି । ଚଳିତବର୍ଷ ମଧ୍ୟ ସେମାନଙ୍କୁ ଭୋଜନ ଓ ପୁଷ୍ପମାଲ୍ୟ, ଉପଢୌକନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଂଜନା ସ୍ୱାଇଁ, ଦିବାକର ସ୍ୱାଇଁ, ରଙ୍ଗ ସ୍ୱାଇଛ, ସନ୍ତୋଷ ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ଯଶୋବନ୍ତ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଚିତ ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶନୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

## Aadhaar cardରେ ଅପଡେଟ୍ କରିବା ପାଇଁ ଆପଣଙ୍କୁ ଅଧିକ ପଇସା କିଏ ମାଗୁଛି କି, ସଙ୍ଗେସଙ୍ଗେ କରନ୍ତୁ ଅନଲାଇନରେ ଅଭିଯୋଗ ଜାଣନ୍ତୁ ପ୍ରୋସେସ୍




**ନୂଆଦିଲୀ(ସଂପର୍କବାର୍ତ୍ତା):-** ଯଦି ଆପଣ ଆଧାର କାର୍ଡରେ କିଛି ବି ଅପଡେଟ୍ କରିବାକୁ ଚାହୁଁଥାନ୍ତି, ତେବେ ଆପଣ ଆଧାରର ଫିସ୍ ବିଷୟରେ ଜାଣିବା ନିହାତି ଜରୁରୀ । ଯଦି ଏହି ସେବା ପାଇଁ ଆପଣ ଅଭିଯୋଗ କରିପାରିବେ । ଭାରତର ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ପକ୍ଷରୁ ଆଧାର ସେବା ଶୁଳ୍କ ବିଷୟରେ କୁହାଯାଇଛି । ୟୁଆଇଡିଏଆଇ ତରଫରୁ ଆଧାର ଏନରୋଲମେଣ୍ଟ ଓ ବାଧ୍ୟତାମୂଳକ ବାୟୋମେଟ୍ରିକ ଅପଡେଟ୍ ପାଇଁ ୫୦ଟଙ୍କା, ବାୟୋମେଟ୍ରିକ୍ ଅପଡେଟ୍ ପାଇଁ ୧୦୦ ଟଙ୍କା ଓ ଆଧାର କାର୍ଡର କଲର ପ୍ରିଣ୍ଟ ଆଉଟ୍ ପାଇଁ ୩୦ ଟଙ୍କା ଚାର୍ଜ କରାଯାଇଥାଏ । ସମସ୍ତ ଚାର୍ଜ ବ୍ୟତୀତ ଗ୍ରାହକଙ୍କୁ କିଛି ବି ଜିଏସଟି ଚାର୍ଜ ଦେବାକୁ ପଡିନଥାଏ । ଯଦି ଆପଣଙ୍କୁ ଠାରୁ ଅଧିକ ପିସ୍ ଆଦାୟ କରାଯାଉଥାଏ, ତେବେ ଏ କ୍ଷେତ୍ରରେ ୟୁଆଇଡିଏଆଇ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜେଲ୍, ଜରିମାନା ଲାଗୁ କରାଯାଇଥାଏ । ଏଥିପାଇଁ ଆପଣ ୧୯୪୭ନମ୍ବରକୁ ଫୋନ୍ କରି ନିଜର ଅଭିଯୋଗ ଦାୟର କରିପାରିବେ । ଏହାବ୍ୟତୀତ ଇ -ମେଲ ମଧ୍ୟ ପଠାଇ ପାରିବେ । ଆପଣ ଘରେ ବସିଅନଲାଇନରେଅଭିଯୋଗଦାଖଲକରିପାରିବେ ।

୧-ସର୍ବପ୍ରଥମେ ଆପଣ uidai.gov.inକୁ ଯାଆନ୍ତୁ କିମ୍ବା ସିଧାସଳଖ resident. Uidai.gov.in/file-complaint

୨- ଏହା ପରେ ନିଜର ୧୪ଅଙ୍କ ବିଶିଷ୍ଟ ରଓଡନମ୍ବର ,ତାରିଖ ଓ ସମୟ ଦିଅନ୍ତି ।ତା ପରେ ନିଜର ନାମ ଓ ମୋବାଇଲ ନମ୍ବର , ଇମେଲ, ପୋଷ୍ଟାଲ ପିନ୍ କୋଡ ଦେବେ ।

୩- ନିଜର ଅଭିଯୋଗର ଟାଇପ୍ ଓ କ୍ୟାଟୋଗୋରିସିଲେକ୍ଟ କରିବା ପରେ ସୁବିସ୍ତୃତ ଭାବେ ଅଭିଯୋଗ ଲେଖନ୍ତୁ ।

# ସମ୍ପାଦକୀୟ

## ସାପ ଚୋଟ ନିଶା



ସମ୍ପାଦକ

ରାଜଧାନୀରେ ବ୍ରାଉନ୍‌ସୁଗାର କାରବାର ଓ ବ୍ୟବହାରରେ ନିୟନ୍ତ୍ରଣ ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ଅପରେସନ୍ ହ୍ୱାଇଟ୍ ସ୍ୱାଇଡର ଆରମ୍ଭ କରାଯାଇଥିଲା। ବ୍ରାଉନ୍‌ସୁଗାର ବଦଳରେ ନିଶା ଖାଇବା ପାଇଁ ନିଶାଖୋର ବ୍ୟକ୍ତି ସାପ ଚୋଟକୁ ବିକଳ୍ପ ଭାବେ ବାଛିନେଇଛନ୍ତି। ଫଳରେ ଦିଲ୍ଲୀ, ମୁମ୍ବାଇ, ପଞ୍ଜାବ ଓ ଗୋଆ ଭଳି ସହରରେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସାପ ଚୋଟ ର୍ୟାକେଟ୍ ସକ୍ରୀୟ ହୋଇଛି। ବିଶେଷ କରି ପଟିଆ, ଚନ୍ଦ୍ରଶେଖରପୁର, ଚନ୍ଦକା ଏବଂ ଖଣ୍ଡଗିରି ଅଞ୍ଚଳରେ ଅଧିକ ମାତ୍ରାରେ କାମ କରୁଛି।

### ଅଧିକ ଚୋଟ ଖାଉଛନ୍ତି ଇଂଜିନିୟର ଛାତ୍ର

ବିଶେଷ କରି ଏହି ସାପ ଚୋଟ ନିଶାକୁ ଅଧିକ ମାତ୍ରାରେ ଇଂଜିନିୟର ଛାତ୍ର ନେଇଥାନ୍ତି। ଏ ନେଇ ଏହି ନିଶା ନେଇଥିବା ଜଣେ ଇଂଜିନିୟର ଛାତ୍ର କହିଛନ୍ତି ଯେ, ଅନ୍ୟ ନିଶାଠାରୁ ସାପ ଚୋଟ ନିଶା ଭିନ୍ନ। ଏହାକୁ ନେବା ପରେ ଦେହ ପ୍ରଥମେ ଝିମି ଝିମି ହୋଇଯାଇଥାଏ। ପରେ ୨୪ଘଣ୍ଟା ଏହି ନିଶା ହୋଇଥାଏ। ଥରେ ଏହି ନିଶାରେ ଅଭ୍ୟସ୍ତ ହେବା ପରେ ଜଣେ ବ୍ୟକ୍ତି ଏହାକୁ ସବୁବେଳେ ନେବାକୁ ଚାହିଁଥାଏ।

### ୫ରୁ ୭ ହଜାର ଟଙ୍କାରେ ମିଳୁଯାଉଛି

ଯେଉଁମାନେ ସବୁ ପ୍ରକାର ନିଶାରେ ଅଭ୍ୟସ୍ତ ହୋଇଥାଆନ୍ତି ସେମାନେ ଏହି ମାରତ୍ମକ ସାପ ଚୋଟକୁ ନିଶା ଭାବେ ନେଇଥାନ୍ତି। ରାଜଧାନୀରେ ୫ ହଜାର ଟଙ୍କାରୁ ୭ ହଜାର ଟଙ୍କାରେ ଏହି ସାପ ଚୋଟ ମିଳୁଯାଉଛି। ଯେଉଁମାନେ ଏହି ସାପ ଚୋଟ ନେଉଛନ୍ତି ସେମାନେ ଅଧିକ ବିଷ ଥିବା ସାପକୁ ବ୍ୟବହାର କରୁନାହାଁନ୍ତି। ଖୁବ୍ କମ୍ ପରିମାଣର ବିଷ ଥିବା ସାପକୁ ସେମାନେ ବ୍ୟବହାର କରିଥାନ୍ତି। ଜଣେ ବ୍ୟକ୍ତି ଯିବା ପରେ ସେ ହାତ ଦେଖାଇଥାନ୍ତି। ସାପ ରଖୁଥିବା ବ୍ୟକ୍ତି ସାପକୁ ଧରି ତାଙ୍କ ତାଙ୍କ ହାତକୁ ଚୋଟ ଦେଇଥାନ୍ତି। ଏହି ଚୋଟ ନେବା ପରେ ଅଧଘଣ୍ଟା ପରେ ନିଶା ହୋଇଥାଏ। ନିଶା ହେବା ପରେ ସାପ ଚୋଟ ନେଇଥିବା ବ୍ୟକ୍ତି ୨୪/୩୦ ଘଣ୍ଟା ଶୋଇ ରୁହନ୍ତି।

### ସାପ ବିଷର ରହିଛି ଚାହିଦା ଅଧିକ

ରାଜ୍ୟରେ ସାପ ବିଷର ଚାହିଦା ବେଶି। ଗୋଟିଏ ଲିଟର ସାପ ବିଷର ଦାମ କୋଟିର ଟଙ୍କା। ଏହାର ଚାହିଦା ମଧ୍ୟ ବିଦେଶରେ ଅଛି। ଏହି ଚାହିଦାକୁ ଦେଖି ସାପ ବିଷ ର୍ୟାକେଟ୍ ସହରରେ କାମ କରୁଛି। କାରଣ ଡ୍ରଗ୍ସ ବଦଳରେ ନିଶାଘୋର ବ୍ୟକ୍ତି ଏହି ସାପ ବିଷକୁ ବ୍ୟବହାର କରିଥାନ୍ତି। ସାପ ବିଷକୁ କିଣିନେଇ ଇଂଜେକ୍‌ସନ୍ ମାଧ୍ୟମରେ ଏହାକୁ ଶରୀର ଭିତରକୁ ଛାଡିଥାନ୍ତି। ଏହାକୁ ନେବା ମାତ୍ରେ ନିଶା ହୋଇଥାଏ। ଆହୁରି ମଧ୍ୟ ସାପ ବିଷକୁ ମଧ୍ୟ ଅନେକ ନିଶାଖୋର ବ୍ୟକ୍ତି ପାଟି ମାଧ୍ୟମରେ ପାନ କରିଥାନ୍ତି। ଗତ ମାର୍ଚ୍ଚ ୨୮ ତାରିଖରେ ମାଷ୍ଟର କ୍ୟାଣ୍ଟିନ୍ ଛକରୁ ସାପ ବିଷ ର୍ୟାକେଟ୍‌ରେ ସଂପୃକ୍ତ ଥିବା ୬ଜଣ ବ୍ୟକ୍ତିଙ୍କୁ ବନ ବିଭାଗ ଗିରଫ କରିଥିଲା। ସେମାନଙ୍କଠାରୁ ୧ ଲିଟର ୩୦୦ ମିଲିଲିଟର ସାପ ବିଷକୁ ଜବତ କରାଯାଇଥିଲା। ସେମାନଙ୍କୁ ପଚରାଉଚରା କରାଯିବା ପରେ ଏହି ବିଷ ବିଷର ପୁରା ର୍ୟାକେଟ୍ ବିଷୟରେ ଖୁଲାସା କରିଥିଲେ।

### ଅକାମୀ ହୋଇଯାଉଛି ଅଙ୍ଗ

ସାପ ବିଷ ନିଶା ଭାବେ ନିୟମିତ ନେଲେ ଏହା ସ୍ଲୋ-ପଏଜନ୍ ଭାବେ କାମ କରେ । ଏଭଳି ନିଶା ନେଉଥିବା ବ୍ୟକ୍ତିଙ୍କ ଶରୀରର ବିଭିନ୍ନ ଅଙ୍ଗ ଅଚଳ ହୋଇଯାଉଛି। ଶେଷରେ ଉକ୍ତ ବ୍ୟକ୍ତିର ମୃତ୍ୟୁ ଘଟିବା ସୁନିଶ୍ଚିତ ବୋଲି ଡାକ୍ତରମାନେ ମତ ଦେଉଛନ୍ତି। ଜଣେ ପାରାଲିସିସ୍ ହେବା ସହ ନିଶ୍ୱାସ ନେବାରେ ସମସ୍ୟା ହୋଇଥାଏ। ଏ ନେଇ ପ୍ରାଣି ବିଶେଷଜ୍ଞ କୃଷ୍ଣ କେଶବ ଷଡଙ୍ଗୀ କହିଛନ୍ତି ଯେ, ଜଣେ ବ୍ୟକ୍ତି ନିଶା ନେବାର ଏହାର ସର୍ବୋଚ୍ଚ ସ୍ତର, ବିଶେଷ କରି ରେପ୍ ପାର୍ଟିରେ ଏହାକୁ ବ୍ୟବହାର କରାଯାଇଛି।

## ଟେରର ଫଣ୍ଡିଂର ହତିଆର ନ ହଉ କ୍ରିପ୍ଟୋ କରେନ୍ସି



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦିନକୁ ଦିନ କ୍ରିପ୍ଟୋ କରେନ୍ସି ପ୍ରତି ଯୁବ ପିଢିର ଆକର୍ଷଣ ବଢିବାରେ ଲାଗିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧିକ୍ଷତାରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ କ୍ରିପ୍ଟୋ କରେନ୍ସି(ଅନ୍‌ଲାଇନ୍ ମନି) ଓ ଏହା ସଂପର୍କିତ ପ୍ରସଙ୍ଗରେ ଗମ୍ଭୀର ଆଲୋଚନା କରାଯାଇଛି । ସରକାରୀ ସୂତ୍ର ଅନୁଯାୟୀ, ଯୁବ ବର୍ଗଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଏବଂ ଅର୍ଥ ଲୋଭ ଦେଇ ଯେମିତି ଅର୍ଥ ବାଟମାରଣା କରାନଯାଏ ତା ଉପରେ ବୈଠକରେ ଆଲୋଚନା ହୋଇଛି ।ବୈଠକରେ ଏହା ସ୍ଥିର ହୋଇଛି ଯେ, କ୍ରିପ୍ଟୋ କରେନ୍ସିକୁ ନେଇ ସରକାର ବିଶେଷଜ୍ଞ ଏବଂ ଷ୍ଟେକ୍ ହୋଲର୍ଡ୍ସଙ୍କ ସହ କ୍ରମାଗତ ଆଲୋଚନା ଜାରି ରଖିବେ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧିକ୍ଷତାରେ ବସିଥିବା ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି ଯେ ଅସ୍ଥାୟୀ କ୍ରିପ୍ଟୋ ମାର୍କେଟ୍‌କୁ ମନି ଲଣ୍ଡ୍ରିଂ ଓ ଟେରର ଫଣ୍ଡିଂର ହତିଆର ହେବାକୁ ଦିଆଯିବ ନାହିଁ । ଏହି ଦିଗରେ ଉନ୍ନତ ପ୍ରୟାସ କରିବା ପାଇଁ ଠୋସ୍ ରଣନୀତି କରାଯାଇଛି । କ୍ରିପ୍ଟୋ କରେନ୍ସିର ଦୁରୁପଯୋଗ ଉପରେ ସରକାର ଚିନ୍ତା ପ୍ରକଟ୍ କରି ଏହାର ମୁକାବିଲା ପାଇଁ ଉପାୟ ବିଷୟରେ ଆଲୋଚନା କରିଛନ୍ତି । ବୈଠକରେ ଲୋଭନୀୟ ବିଜ୍ଞାପନ ଜରିଆରେ ଯୁବ ବର୍ଗଙ୍କ ଭ୍ରମିତ କରିବା ପାଇଁ ହେଉଥିବା ଉଦ୍ୟମକୁ ରୋକିବା ପାଇଁ ଆଲୋଚନା ହୋଇଛି। ସରକାର ଅବଗତ ଅଛନ୍ତି ଯେ , କ୍ରିପ୍ଟୋ କରେନ୍ସି ଏକ ବିକଶିତ ଜ୍ଞାନ କୌଶଳ, ଏଥିପାଇଁ ଏହା ଉପରେ କଡା ନଜର ରଖାଯିବ ଏବଂ ଯାଥ ସମ୍ଭବ ସକ୍ରିୟ ପଦକ୍ଷେପ ନିଆଯିବ ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଏବେ ଓଡିଆ କିଏ ଖୋଜା ଚାଲିଛି !



ହିମାଂଶୁ ଶେଖର ଆର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

କୁହାଯାଏ ମାତୃଭାଷା ମା'ର ଭାଷା - ପ୍ରାଣର ଭାଷା । ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ନାଡିର ସମ୍ପର୍କ ରହିଛି । ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା। ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରିନଥିଲା । ଦୀର୍ଘ ୬୨ବର୍ଷ ପ୍ରତୀକ୍ଷାର ଅବସାନ ଘଟିଲା ୨୦୧୬ ମସିହା ମେ ୨୧ ତାରିଖରେ । ଯେଉଁଦିନ ସରକାରୀ ସ୍ତରରେ ସବୁକାମ ଓଡିଆରେ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତି ହୋଇଥିଲା। ସେହିପରି ରାଜ୍ୟ ସରକାର ୧୯୫୪ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେବାସହିତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ଗତ ୨୦୧୭ ମସିହା ଡିସେମ୍ବର ୨୬ ତାରିଖରେ ପୁରୀ ଠାରେ ମୁଖ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବ୍ୟଠକରେ ଗୁରୁତ୍ୱ ପୁର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ସେତେବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ଭାଷା ସୁରକ୍ଷା ଆନ୍ଦୋଳନ ଚଳାଇଥିବା ବିଭିନ୍ନ ସଂଗଠନ ସ୍ୱାଗତ କରାଯାଇଥିଲା। ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଶାସ୍ତ୍ରୀୟ ମାନ୍ୟତା ଖୁସିରେ ରାଜ୍ୟ ସରକାର ୨୦୧୪ ମସିହା ଠାରୁ ମାର୍ଚ୍ଚ ୧୧ ତାରିଖକୁ ଓଡିଆ ଭାଷାଦିବସ ରୁପେ ପାଳନ କରୁଛନ୍ତି। ଇତି ମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ପାଇବା ୭ ବର୍ଷରେ ପହଚିଂଛି। ଏହି ସମୟ ମଧ୍ୟରେ ଆମ ଭାଷାର ସ୍ଥିତି ଓ ପ୍ରଗତି କେତେ ଦୂର ଆଗେଇଛି ତାହା ସମୀକ୍ଷା କରିବାର ସମୟ ଆସିଛି। ଖାଲି ସରକାରୀ ମାନ୍ୟତା ପାଇଗଲେ ଭାଷାର ଅଭିବୃଦ୍ଧି ଓ ସଂରକ୍ଷଣ ହୋଇପାରିବ ଏହା ଭାବିବା ଠିକ ନୁହେଁ । ଏଥିପାଇଁ ଆମକୁ ମାନସିକ ସ୍ତରରେ ହୀନମନ୍ୟତା ପରିହାର କରିବାକୁ ପଡିବ ।ବ୍ୟସକବି ଫକୀର ମୋହନଙ୍କ ଭାଷାରେ- "ଭାଷା ଯେ ଜୀବନୀ ଶକ୍ତି ଜାତି ମାନଙ୍କର, ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର"। ଏସବୁ ସତ୍ତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ। ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା - ଚୀନ, ସ୍ପେନିଶ୍,ଇଂରାଜୀ, ହିନ୍ଦି,ରୁଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ । ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏହି କଥାକୁ ଲକ୍ଷ୍ୟ ରଖି "ୟୁନେସ୍କୋ" ତରଫରୁ ୨୦୦୦ ମସିହାରୁ ଫେବୃଆରୀ ୨୧ ତାରିଖକୁ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଉଛି। ନିକଟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ସାରା ବିଶ୍ୱରେ ପାଳିତ ହୋଇଯାଇଛି। ଉଦ୍ଦେଶ୍ୟ ହେଲା ବିଶ୍ୱରେ ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ ।

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ,ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୫ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି। କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ବଳରାମ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ। ଏମାନେ ହିଁ ଓଡିଆ ସାହିତ୍ୟର ରକ୍ଷାକାରୀ । କଥା ସମ୍ରାଟ ଫକୀରମୋହନ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଦ୍ମଭୂଷଣ ଗୋପୀନାଥ ମହାନ୍ତି, ସ୍ୱଭାବ କବି ଗଂଗାଧର ମେହେରଙ୍କ ସୃଷ୍ଟି ସମ୍ଭାର ଓଡିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିଛି, ଏହା ଅନସ୍ୱୀକାର୍ଯ୍ୟ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା - ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରିସ୍ଥିତିରେ ଭାଷାର ପ୍ରସାର ପ୍ରଚାର ତ ଦୂରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି। ମା'ର ଭାଷା, ମାଟିର ଭାଷା ଆମପାଇଁ ଅଲୋଡା ହୋଇଯାଇଛି । ମାହାତ୍ମାଗାନ୍ଧୀ କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ଜା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏକଥା ମୁଁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ" । ଜାପାନ ଓ ଚୀନ ଦେଶରେ ମାତୃଭାଷାରେ ସବୁକାର୍ଯ୍ୟ ଚାଲିଛି । ସେହି ଦୁଇଦେଶ ଆଜି ବିଜ୍ଞାନ, ଅର୍ଥ, ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ସବୁଦିଗରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିସାରିଲେଣି । ସେମାନଙ୍କ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି ।

ଭାଷା କେବଳ ସରକାରୀ ହୋଇଗଲେ ବଞ୍ଚିଯିବ ଏହା ଭବିବା ଭୁଲ୍। ଭାଷା ପ୍ରତି ଆମ ହୃଦୟରେ ମମତା ରହିଲେ ହିଁ ଏହା ବଞ୍ଚିବ। ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ଲୋଡା। ଏ ବିଷୟରେ ଗଭୀର ଭାବେ ଅନୁଶୀଳନ କରିବାର ଅଛି।

# ଶିଶୁଙ୍କ ଆଦର ସବୁ ଦେଶରେ



ଶ୍ୟାମ ସୁନ୍ଦର ସାମଲ
ବିଡ଼ାନାସୀ ବନ୍ଧଛକ, କଟକ,
ଦୂରଭାଷ :୯୭୭୮୬୩୫୯୨୬

ଆଜି ନଭେମ୍ବର ୧୪ ତାରିଖ, ଶିଶୁ ଦିବସ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମଦିବସ ଆଜି । ୧୮୮୯ ନଭେମ୍ବର ୧୪ ତାରିଖରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ନେହେରୁ । ଛୋଟ ପିଲାଙ୍କୁ ଅତ୍ୟନ୍ତ ସ୍ନେହ ଶ୍ରଦ୍ଧା କରୁଥିଲେ । ସେଥିଲାଗି ସମଗ୍ର ଦେଶର ପିଲାଙ୍କ ନିକଟରେ ସେ ପରିଚିତ ଥିଲେ ଚାଚା ନେହରୁ ଭାବରେ । ସେଥିପାଇଁ ତାଙ୍କର ଜନ୍ମ ଦିବସକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି । କେବଳ ଆମ ଦେଶ ବା ଜାତିସଂଘ ଶିଶୁ ଦିବସ ପାଳନ କରନ୍ତି ନାହିଁ ସାରା ବିଶ୍ୱରେ ପାଳନ କରାଯାଏ ଏହି ଦିବସ, ତେବେ ଭିନ୍ନ ତାରିଖରେ । କମ୍ୟୁନିଷ୍ଟ ଶାସିତ ଦେଶମାନେ ଅନ୍ତର୍ଜାତୀୟ ଶିଶୁଦିବସ ପାଳନ କରନ୍ତି ଜୁନ୍ ୧ ତାରିଖରେ । ତା'ହେଲେ ଆସନ୍ତୁ ଦେଖିବା, କେଉଁ ଦେଶ କେଉଁଦିନ ପାଳନ କରନ୍ତି ଶିଶୁ ଦିବସ ।

ଆଲବେନିଆ : ଜୁନ୍ ୧ ତାରିଖରେ ପାଳିତ ହୁଏ ଶିଶୁ ଦିବସ ।

ଆଙ୍ଗୋଲା : ଏଠାରେ ଜୁନ୍ ୧ ତାରିଖକୁ ଶିଶୁ ଦିବସ ଭାବରେ ପାଳନ କରାଯାଏ ଏବଂ ଏହା ଏକ ଜାତୀୟ ଛୁଟି ।

ଆର୍ଜେଣ୍ଟିନା : ଅଗଷ୍ଟ ମାସର ଦ୍ୱିତୀୟ ରବିବାରକୁ ଡାୟା ଡେଲ ନିନୋ ବା ଶିଶୁ ଦିବସ ଭାବରେ ପାଳନ କରାଯାଏ । ୧୯୯୦ ମସିହା ପର୍ଯ୍ୟନ୍ତ ଅଗଷ୍ଟ ମାସର ପ୍ରଥମ ରବିବାରକୁ ଶିଶୁ ଦିବସ ଭାବରେ ପାଳନ କରାଯାଉଥିଲା । ମାତ୍ର ଦେଖାଗଲା ଅନେକ କର୍ମଚାରୀ ପ୍ରଥମ ରବିବାର ସୁଦ୍ଧା ଦରମା ପାଇପାରୁ ନଥିବାରୁ ସେମାନେ ଶିଶୁ ଦିବସ ପାଳନ କରିବାପାରୁ ନାହାନ୍ତି । ତେଣୁ ଏହା ପରଠାରୁ ଦ୍ୱିତୀୟ ରବିବାରକୁ ଶିଶୁ ଦିବସ ଭାବେ ପାଳନ କରାଗଲା ।

ଆର୍ମେନିଆ : ଏଠାରେ ମଧ୍ୟ ଜୁନ୍ ୧କୁ ପାଳନ କରାଯାଏ ଶିଶୁ ଦିବସ ଭାବରେ ।

ବାଙ୍ଗଲାଦେଶ : ୨୦୦୯ ମସିହା ପରଠାରୁ ନଭେମ୍ବର ୧୧ ତାରିଖକୁ ଦେଶର ଶିଶୁ ଦିବସା ଭାବରେ ପାଳନ କରାଯାଉଛି । ନଭେମ୍ବର ୨୦ ତାରିଖକୁ ମଧ୍ୟ ସମାନ ମାନ୍ୟତା ସହ ପାଳନ କରାଯାଉଛି ।

ବ୍ରାଜିଲ : ଏଠି ଶିଶୁ ଦିବସ ପାଳିତ ହୁଏ ଅକ୍ଟୋବର ୧୨ ତାରିଖରେ । ଦେଶର ଶ୍ରେଷ୍ଠ ସନ୍ଥ ଭାବରେ ମାନ୍ୟତା ପାଇଥିବା ଆପାରେସିଡ଼ାଙ୍କ ଜନ୍ମ ଦିବସ ଏହା ।

ବୁଲ୍‌ଗେରିଆ : ଏଠାରେ ଜୁନ୍ ୧ ତାରିଖ ଶିଶୁ ଦିବସ ।

କାନାଡ଼ା : ନଭେମ୍ବର ୨୦ ତାରିଖକୁ ଶିଶୁ ଦିବସ ଭାବରେ ପାଳନ କରାଯାଏ । ୧୯୯୩ ମସିହାରେ ଏଥିପାଇଁ କାନାଡ଼ା ସଂସଦରେ ଚାଇଲ୍ଡ ଡେ ଆକ୍ଟ ବିଲ୍ ଗୃହୀତ ହୋଇଥିଲା ।

କେନ୍ଦ୍ରୀୟ ଆଫ୍ରିକା : କଙ୍ଗୋ, କଙ୍ଗୋ ଡି.ଆର, କାମେରୁନ୍, ଗିନିଆ, ଗାବନ, ଛଡ଼, କେନ୍ଦ୍ର ଆଫ୍ରିକା ଗଣତନ୍ତ୍ର, ସାଓଟୋମେ, ପ୍ରିନିସିପିରେ ଡିସେମ୍ବର ୨୫ ତାରିଖକୁ ଶିଶୁ ଦିବସ ଭାବେ ପାଳନ କରାଯାଏ ।

ଚିଲି : ଅଗଷ୍ଟ ୮ ତାରିଖରେ ଏଠାରେ ପାଳିତ ହୁଏ ଶିଶୁ ଦିବସ । ଏହି ଦିନ ବାପା-ମା', ବନ୍ଧୁବାନ୍ଧବ ପିଲାଙ୍କ ପାଇଁ କଣ୍ଢେଇ ଓ ଖେଳନା କିଣନ୍ତି ।

ହଂକଂ : ଏଠାରେ ଏପ୍ରିଲ ୪ ତାରିଖକୁ ଶିଶୁ ଦିବସ ଭାବରେ ପାଳନ କରାଯାଏ । ଚୀନ୍ ଅଧୀନରେ ଥିବା ସମୟରୁ ୧୯୩୧ ମସିହାରୁ ଏହି ଦିବସ ପାଳନ କରାଯାଉଛି । ସ୍ୱାଧୀନତା ପରେ ମଧ୍ୟ ଏହି ଦିବସ ପରିବର୍ତ୍ତନ ହୋଇନାହିଁ ।

ଚୀନ୍ : ଜୁନ୍ ୧ ତାରିଖକୁ ଏଠାରେ ଅନ୍ତର୍ଜାତୀୟ ଶିଶୁ ଦିବସ ଭାବରେ ପାଳନ କରାଯାଏ । ୧୯୪୯ ମସିହା ପରଠାରୁ ପ୍ରତ୍ୟେକ ପ୍ରାଇମେରୀ ସ୍କୁଲକୁ ଛୁଟି ଦିଆଯାଉଛି ।

କଲମ୍ବିଆ : ଏପ୍ରିଲ ମାସର ଶେଷ ରବିବାରକୁ ଶିଶୁ ଦିବସ ଭାବରେ ପାଳନ କରାଯାଏ ।

କୋଷ୍ଟାରିକା : ଏଠି ସେପ୍ଟେମ୍ବର ୯ ଶିଶୁ ଦିବସ ଭାବରେ ପାଳିତ ହୁଏ ।

କ୍ୟୁବା : ଜୁଲାଇ ମାସର ତୃତୀୟ ରବିବାରକୁ କ୍ୟୁବାବାସୀ ଶିଶୁ ଦିବସ ଭାବରେ ପାଳନ କରନ୍ତି ।

ସୋଭିଏତ୍ ସଂଘ : ଅବିଭକ୍ତ ସୋଭିଏତ୍ ସଂଘରେ ସାମିଲ ଥିବା ସବୁ ଦେଶ ଜୁନ୍ ୧ ତାରିଖକୁ ଶିଶୁ ଦିବସ ଭାବରେ ପାଳନ କରନ୍ତି ।

ହଙ୍ଗେରୀ : ୧୯୩୧ ମସିହାରେ ଏଠାରେ ଶିଶୁ ସପ୍ତାହ ପାଳନ କରାଯାଉଥିଲା । ୧୯୫୦ ମସିହା ପରଠାରୁ ମେ' ମାସର ଶେଷ ରବିବାରକୁ ଶିଶୁ ଦିବସ ଭାବରେ ପାଳନ କରାଯାଉଛି ।

ଜାପାନ : ଏଠାରେ ମେ' ୫ ତାରିଖରେ ପାଳିତ ହୁଏ ଶିଶୁ ଦିବସ । ୧୯୪୮ ମସିହା ଠାରୁ ଏହା ଏକ ଜାତୀୟ ଛୁଟି । ଜାପାନରେ ଶିଶୁ ଦିବସ ପାଳନର ପରମ୍ପରା ସବୁଠାରୁ ପୁରୁଣା । ଅଷ୍ଟମ ଶତାବ୍ଦୀ ଠାରୁ ଏଠାରେ ବର୍ଷରେ ଦୁଇଟି ଦିନ ପାଳନ କରାଯାଏ ପିଲାମାନଙ୍କ ପାଇଁ, ମେ' ୩ ତାରିଖ ଝିଅମାନଙ୍କ ପାଇଁ, ମେ ୫ ତାରିଖ ପୁଅ ମାନଙ୍କ ପାଇଁ । ଏହା ବ୍ୟତୀତ ମାର୍ଚ୍ଚ ୩ ତାରିଖକୁ ଏଠାରେ ପାଳନ କରାଯାଏ କଣ୍ଢେଇ ଦିବସ ଭାବରେ । ଏହି ଦିନ ଲୋକମାନେ ନିଜ ଘରକୁ ପାରମ୍ପରିକ କଣ୍ଢେଇରେ ସଜେଇବା ସହ ପିଲାମାନଙ୍କର ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରନ୍ତି ।

ଉତ୍ତର କୋରିଆ : ଜୁନ୍ ୨ ତାରିଖରେ ଶିଶୁ ଦିବସ ପାଳିତ ହୁଏ ଏଠାରେ । ୧୯୪୫ ମସିହା ପୂର୍ବରୁ ଏହା ମେ'୧ ତାରିଖରେ ପାଳିତ ହେଉଥିଲା ।

ଦକ୍ଷିଣ କୋରିଆ : ଦକ୍ଷିଣ କୋରିଆରେ ମେ' ୫ ତାରିଖରେ ପାଳନ କରାଯାଏ ଶିଶୁ ଦିବସ । ପିତାମାତା ନିଜ ପିଲାମାନଙ୍କୁ ଉପହାର ଦିଅନ୍ତି, ସେମାନଙ୍କ ସହ ସମୟ କାଟନ୍ତି । ଏହି ଦିନ ବିଭିନ୍ନ ଦର୍ଶନୀୟ ସ୍ଥାନ ଏବଂ ଚିଡ଼ିଆଖାନାକୁ ପିଲାମାନେ ବାପା-ମା'ଙ୍କ ସହ ବୁଲି ଯାଆନ୍ତି ।

ମାଲେସିଆ : ଅକ୍ଟୋବର ମାସର ଶେଷ ଶନିବାରକୁ ଶିଶୁ ଦିବସ ଭାବରେ ପାଳନ କରାଯାଏ । ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପିଲାମାନେ ଶୁକ୍ରବାର ଠାରୁ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି । ସ୍କୁଲ ପକ୍ଷରୁ ପିଲାମାନଙ୍କ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ।

ମେକ୍ସିକୋ : ଏପ୍ରିଲ ୩୦ ତାରିଖକୁ ପାଳନ କରାଯାଏ ଶିଶୁ ଦିବସ ଭାବରେ । ସ୍କୁଲ ଗୁଡ଼ିକରେ କ୍ଲାସ ବନ୍ଦ ହୋଇଯାଏ, ପାର୍ଟିର ଆୟୋଜନ ହୁଏ । ପିଲାମାନଙ୍କ ପାଇଁ ଚକୋଲେଟ, ଖେଳ ଆଦିର ବ୍ୟବସ୍ଥା କରାଯାଇଥାଏ ।

ନାଇଜେରିଆ : ମେ'୨୭ ତାରିଖକୁ ନାଇଜେରିଆରେ ଶିଶୁ ଦିବସ ଭାବରେ ପାଳନ କରାଯାଏ । ଏହା ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲ ମାନଙ୍କ ନିମନ୍ତେ ଏକ ଛୁଟି ଦିବସ ।


ପାକିସ୍ତାନ : ନଭେମ୍ବର ୨୦ ତାରିଖକୁ ଶିଶୁ ଦିବସ ଭାବେ ପାଳନ କରାଯାଏ ଏଠାରେ । ଏହି ଦିନ କୌଣସି ସରକାରୀ କାର୍ଯ୍ୟକ୍ରମ ନଥିଲେ ମଧ୍ୟ ଶିଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନ୍‌ଜିଓ ଗୁଡ଼ିକ ପକ୍ଷରୁ ଏହା ପାଳନ କରାଯାଏ ।

ପାରାଗୁଏ : ଅଗଷ୍ଟ ୧୬ ତାରିଖ ଏଠାରେ ପାଳିତ ହୁଏ ଶିଶୁ ଦିବସ ଭାବରେ । ଏହି ଦିନ ବ୍ରାଜିଲର ୨୦ ହଜାର ସୈନ୍ୟ ବିଶିଷ୍ଟ ସେନାବାହିନୀ ପାରାଗୁଏର ୩୫୦୦ ଶିଶୁ ସୈନିକଙ୍କୁ ହତ୍ୟା କରିଥିଲେ । ଏହି ଦିବସକୁ ମନେ ପକାଇବା ପାଇଁ ପାରାଗୁଏବାସୀ ଶିଶୁ ଦିବସ ପାଳନ କରନ୍ତି ।

ଯୁକ୍ତରାଷ୍ଟ୍ର ଆମେରିକା : ଔପଚାରିକ ଭାବରେ ଶିଶୁ ଦିବସ ପାଳନର ପରମ୍ପରା ଆମେରିକାରେ ଖୁବ୍ ପୁରାତନ । ୧୮୫୬ ମସିହାରେ ୟୁନିଭର୍ସାଲିଷ୍ଟ ଚର୍ଚ୍ଚ ଅଫ୍ ଚେଲ୍‌ସି, ମାସାଚ୍ୟୁସେଟ୍ସର ପ୍ରଥମ ବିଶପ୍ ଚାର୍ଲ୍ସ ଏଚ୍ ଲିଓନାର୍ଡ଼ ଖ୍ରୀଷ୍ଟିଆନମାନେ ବର୍ଷ ଗୋଟିଏ ରବିବାରକୁ ପିଲାମାନଙ୍କ ପାଇଁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ । ସେବେଠାରୁ ଜୁନ୍ ମାସର ଦ୍ୱିତୀୟ ରବିବାରକୁ ଶିଶୁ ଦିବସ ଭାବରେ ପାଳନ କରାଯାଉଥିଲା । ଆମେରିକାରେ ଥିବା ବିଭିନ୍ନ ଚର୍ଚ୍ଚ ଶୃଙ୍ଖଳ ଜୁନ୍ ମାସର ଦ୍ୱିତୀୟ ରବିବାରକୁ ଶିଶୁ ଦିବସ ଭାବରେ ପାଳନ କରିବାକୁ ସମହତି ପ୍ରକାଶ କରିଥିଲେ, ୧୮୮୩ ମସିହାରେ । ବିଲ୍ କ୍ଲିଣ୍ଟନ ଆମେରିକାର ରାଷ୍ଟ୍ରପତି ଥିବାବେଳେ ଚାରିବର୍ଷର ଝିଅଟିଏ ତାଙ୍କ ପାଖକୁ ଚିଠି ଲେଖିଥିଲେ - ମୋ ପାଇଁ ଶିଶୁ ଦିବସଟିଏ ପାଳନ କରିବେ କି ? ଏହି କୁନି ଝିଅର ମନ ରଖିବା ପାଇଁ କ୍ଲିଣ୍ଟନ୍ ଅକ୍ଟୋବର ୮ ତାରିଖକୁ ଶିଶୁ ଦିବସ ଭାବରେ ପାଳନ କରିଥିଲେ । ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ଜୁନ ୩ ତାରିଖକୁ ଜାତୀୟ ଶିଶୁ ଦିବସ ଭାବେ ପାଳନ କରିଥିଲେ।

# ମାଟି ପ୍ରଲେପ ନେଲେ ବାଚସ୍ପତି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମାଟିର ପ୍ରଲେପ ଶରୀରରୁ ବିଷ ବାହାର କରିପାରିବ । ଯାହା ଦ୍ୱାରା ଆପଣ ସମ୍ପୂର୍ଣ୍ଣ ସୁସ୍ଥ ରହିବେ। ଏମିତି କିଛି ଫିଟ୍‌ନେସ୍ ମନ୍ତ୍ର ବିଷୟରେ କହିଛନ୍ତି ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ୟୁନିଟ୍-୭, ସୂର୍ଯ୍ୟନଗରରେ ଥିବା ଦୁର୍ଗାମଣ୍ଡପରେ ଭାରତ ସରକାରଙ୍କ ଦ୍ୱାରା ପଞ୍ଜିକୃତ ହୋଇଥିବା ପ୍ରାକୃତିକ ଚିକିତ୍ସା ଓ ପ୍ରଶିକ୍ଷଣ କେନ୍ଦ୍ରରେ ଏମିତି ଚିକିତ୍ସା ଚାଲିଛି । ଡାକ୍ତର ଗୁରୁଚରଣ ଜେନା ମାଟି ଦ୍ୱାରା ଅନେକ ରୋଗ ଭଲ କରୁଛନ୍ତି। ମଙ୍ଗଳବାର ବାଚସ୍ପତି ଡ.ପାତ୍ର ଏହି ଚିକିତ୍ସା କେନ୍ଦ୍ରରେ ମାଟି ଶୁଖିବା ପରେ ଦେହକୁ ଘସି ଭଲ ଭାବେ ଗାଧୋଉଛନ୍ତି । ତାଙ୍କ କହିବାନୁସାରେ ଏ ମାଟି କେଉଁ ସାଧାରଣ ମାଟି କି ରାସ୍ତା କଡର ମାଟି ନୁହେଁ । କେଉଁ ଜଙ୍ଗଲ ଭିତରୁ ୪ଫୁଟ ତଳୁ ସଂଗ୍ରହ କରାଯାଇଥିବା ମାଟି । ନହେଲେ ଉଈ ହୁଙ୍କାର ମାଟି କିମ୍ବା ପେଖାରୀର ପଙ୍କୁଆ ମାଟି । କାରଣ ଏ ମାଟି ଦେହରେ ଥିବା ବିଷ ଟାଣିବ । ଏଭଳି ପ୍ରାକୃତିକ ଉପାୟରେ ଚିକିତ୍ସା ହେଲେ ବହୁ ରୋଗରୁ ମୁକ୍ତି ମିଳିପାରିବ ବୋଲି ତାଙ୍କର ବିଶ୍ୱାସ ।



# ସରକାରୀ ସ୍କୁଲର ସ୍ତର ପ୍ରାଇଭେଟ ସ୍କୁଲ ସହ ସମାନ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସୁପ୍ରିମକୋର୍ଟର ଜଷ୍ଟିସ୍ ଉଦୟ ଉମେଶ ଲଳିତ ରବିବାର ଦିନ କହିଛନ୍ତି ଯେ ସରକାରୀ ବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷାର ଗୁଣ ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ସରକାର ସକ୍ଷମ ନୁହଁନ୍ତି ।

ସୁପ୍ରିମକୋର୍ଟର ବିଚାରପତି କହିଛନ୍ତି ଯେ ଝିଅମାନଙ୍କ ଜୀବନରେ ଶିକ୍ଷାର ପ୍ରସାର ପ୍ରତିଫଳିତ ହୋଇଛି ।କୌଣସି ବ୍ୟକ୍ତି ଶିକ୍ଷାରୁ ବଂଚିତ ନ ହେବା ଉଚିତ୍। ଶିକ୍ଷାରୁ ଅନ୍ଧକାରକୁ ହଟାଇବା ଉଚିତ, ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା ଉଚିତ କାରଣ ସେମାନେ ହିଁ ଦେଶର ଭବିଷ୍ୟତ । ଶିଶୁର ଶିକ୍ଷାର ଅଧିକାରକୁ ସୁରକ୍ଷା ଦେବା ବ୍ୟତୀତ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଭଳି ଅନ୍ୟାନ୍ୟ ଦିଗକୁ ସୁରକ୍ଷା ଦିଆଯିବା ଉଚିତ୍ ଯେଉଁ ପିଲାମାନେ କରୋନା ମହାମାରୀ ସମୟରେ ମାତା-ପିତା ଉଭୟଙ୍କୁ ହାରଇଛନ୍ତି ସେମାନଙ୍କ ଛାତ୍ରବୃତ୍ତି, ଯୋଜନା ଏବଂ ଅନ୍ୟାନ୍ୟ ସୁବିଧା ଦିଆଯିବା ଏବଂ ଏହି ସୁବିଧା ଅଭାବୀ ପିଲାମାନଙ୍କ ନିକଟରେ ପହଂଚିବା ଆବଶ୍ୟାକ ।



# ରିକ୍ସା ଚାଳକକୁ ୧୪ ବର୍ଷ କାରାଦଣ୍ଡାଦେଶ, ନିଶା ଦେଇ ନାବାଳିକାକୁ ଦୁଷ୍କର୍ମ ସହ କରିଥିଲା ଗର୍ଭବତୀ

**କଟକ(ସଂପର୍କବାର୍ତ୍ତା):-** ନାବାଳିକା ବାଳାତ୍କାରୀ ଦୋଷୀ ସାବ୍ୟସ୍ତ। ୧୪ ବର୍ଷ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଲେ କଟକର ସ୍ୱତନ୍ତ୍ର ପକସୋ କୋର୍ଟ । ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ । ଜୋରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ। ପିଡିତାଙ୍କୁ ୫ଲକ୍ଷ କ୍ଷତିପୂରଣ ଦେବାକୁ ଅଦାଲତଙ୍କ ନିର୍ଦ୍ଦେଶ ରାଜ୍ୟ ସରକାର ଦେବେ ଏହି କ୍ଷତି ପୂରଣ । ଜିଲ୍ଲା ଆଇନାସେବା ପ୍ରାଧିକରଣରୁ ଦିଆଯିବ ଏହି କ୍ଷତି ପୂରଣ । ୨୦୧୪ ନଭେମ୍ବର ମାସରେ କଟକ ସହରରେ ଘଟିଥିଲା ଘଟଣା ନିବାଳିକା ଷ୍ଟେସନ ଅଂଚଳରେ ଜରି ଗୋଟାଇ ପେଟ ପୋଷୁଥିଲା ଦୋଷୀ ଜଣକ ନାବାଳିକାକୁ ପ୍ରଲୋଭନ ଦେଖାଇ ନିଶା ଦେଇ ନାବାଳିକାକା ସହ ଶାରୀରିକ ସମ୍ପର୍କ ରଖିଥିଲେ । ଯାହାଫଳରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ । ଦୋଷୀ ଅଜୟ ସମାଲ ଜଣେ ରିକ୍ସା ଚାଳକ। ଘଟଣାକୁ ନେଇ ଚାଇଲଡ ଲାଇନ ପକ୍ଷରୁ କଟକ ମହିଳା ଥାନାରେ ମାମଲା ରୁଜୁ ହୋଇଥିଲା, ୧୦ଜଣ ସାକ୍ଷୀ ଓ ୧୧ ଟି ତଥ୍ୟ ପ୍ରମାଣ ଆଧାରରେ ଆଜି ଦୋଷୀ ସାବ୍ୟସ୍ତ କରିଛନ୍ତି ପକସୋ କୋର୍ଟ । ମାମଲା ପରିଚାଳନା କରୁଥିଲେ ସରକାରୀ ଓକିଲ ରମେଶ ମହାନ୍ତି ।

# ବସରେ ଗୀତ ବଜାଇଲେ କଣ୍ଡକ୍ଟର ଗଳାଧକା ଦେବ

## ରୋମିଓ ହୁଅ ସତର୍କ

**ନୂଆଦିଲୀ(ସଂପର୍କବାର୍ତ୍ତା):-** ଶଦ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଏଣିକି ବସରେ ଆପଣ ଗୀତ ବଜାଇ ପାରିବେ ନାହିଁ। ଏମିତି ଏକ ଅଜବ ରାୟ ଦେଇଛନ୍ତି କର୍ଣ୍ଣାଟକ ହାଇକୋର୍ଟ। ଯଦି କୌଣସି ବ୍ୟକ୍ତି ବସ ମଧ୍ୟରେ ଉଚ୍ଚ ସ୍ୱରରେ ଗୀତ ବଜାଉଛନ୍ତି ସେମାନଙ୍କୁ ବସରୁ ବାହାର କରି ପାରିବେ କଣ୍ଡକ୍ଟର। କର୍ଣ୍ଣାଟକ ରାଜ୍ୟ ପରିବହନ ନିଗମ ପକ୍ଷରୁ ଚାଲୁଥିବା ସମସ୍ତ ବସରେ ଏହି ନିୟମ କଡାକଡି ଭାବିରେ ପାଳନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏ ସମ୍ପର୍କିତ ଏକ ଯାଚିକା କର୍ଣ୍ଣାଟକ ହାଇକୋର୍ଟଙ୍କ ହାଇକୋର୍ଟଙ୍କ ନିକଟରେ ଦାଖଲ ହୋଇଥିଲେ । ପ୍ରଦୂଷଣକୁ ରୋକିବା ପାଇଁ ବସ ମଧ୍ୟରେ ଗୀତ ଓ ଭିଡିଓ ଚଳାଇବା ଉପରେ ରୋକ ଲଗାଯାଇଥିଲା କୌଣସି ଯାତ୍ରୀ ଯଦି ଗୀତ ବଜାଉଛନ୍ତି ତେବେ ପ୍ରଥମେ ଏହାକୁ ବନ୍ଦ କରିବା ପାଇଁ ଅନୁରୋଧ କରାଯିବ । ମାତ୍ର ଅନୁରୋଧ ପରେ ଗୀତ ବନ୍ଦ ନହେଲେ ଯାତ୍ରୀଙ୍କୁ ଓହ୍ଲାଇ ଦେବା ପାଇଁ ଅନୁରୋଧ କରାଯାଇଛି ।




# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ପଦ୍ମଶ୍ରୀ ଜାନୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ ଗତ ୧୦ ତାରିଖ ଦିନ ଲୋକସେବା ଭବନକୁ ଆି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଗତକାଲି ମାନ୍ୟବର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ନୂଆଦିଲ୍ଲୀରେ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଥିଲେ।

ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ କୌଣସି ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରି ନାହାଁନ୍ତି। ଜନଜାତି ମହିଳାମାନଙ୍କ ପରି ସରଳ ଓ ନିରାଡମ୍ବର ଜୀବନଶୈଳୀ ଆଦରି ନେଇଥିବା ପୂର୍ଣ୍ଣମାସୀ ଗତ ୪୦ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଆଧାତ୍ମିକ ବାଣୀ ପ୍ରଚାର କରି ଆସୁଛନ୍ତି। ଜିଜ୍ଞାସୁମାନଙ୍କ ଆଧାତ୍ମିକ ପ୍ରସଙ୍ଗ ସମ୍ବଳିତ ପ୍ରଶ୍ନଗୁଡିକର ଉତ୍ତର ଦେବାବେଳେ ସେ ଭବନ ଓ ଆଧାତ୍ମିକ ସଙ୍ଗୀତ ପରିବେଶଷଣ କରିଥାନ୍ତି। କୁଇ ଭାଷାରେ ସେ ହଜାର ହଜାର ଭଜନ ଓ ଆଧାତ୍ମିକ ବାଣୀ ପରିବେଷଣ କରି ଆସୁଛନ୍ତି। ଆଧାତ୍ମିକ କ୍ଷେତ୍ରରେ ତାଙ୍କର ବହୁ ଅନୁଗାମୀ ମଧ ରହିଛନ୍ତି।



# ଭୁବନେଶ୍ୱରରେ କ୍ରାଇମ୍ ଗ୍ୟାଙ୍ଗର ଭାଇରାଲ ଭିଡିଓ ଘଟଣା, ୨୯ଜଣଙ୍କ ନାଁରେ ମାମଲା ରୁଜୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜଧାନୀ ଭୁବନେଶ୍ୱରରେ ମାତିଛନ୍ତି ଅପରାଧୀ କେବିଏନ୍ ଗ୍ୟାଙ୍ଗର ଭାଇରାଲ ଭିଡିଓ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛି ପୋଲିସ । ଗ୍ୟାଙ୍ଗର ମୋଟ ୨୯ଜଣଙ୍କ ନାଁରେ ମାମଲା ରୁଜୁ କରିଛି ନୟାପଲ୍ଲୀ ଥାନା ପୋଲିସ। ଏହି ଗ୍ୟାଙ୍ଗର ୨ଜଣ ଅଭିଯୁକ୍ତଙ୍କୁ ମିଶାଇ ୭ ଜଣ ଗରିଫ କରିସାରିଲାଣି ପୋଲିସ । କେବିଏନ ଗ୍ୟାଙ୍ଗର ମୁଖ୍ୟ ଦେବୀ ପ୍ରସାଦ ଓରଫ ବୁବୁ ଜେନା ସମେତ ୨୨ ଜଣ ଫେରର ଅଛନ୍ତି । ସେମାନଙ୍କୁ ଧରିବାକୁ ଅଭିଯାନ ଚଳାଇଛି ପୋଲିସ ।

ଏହି ଗ୍ୟାଙ୍ଗର ଭାଇରାଲ ଭିଡିଓ ସାମ୍ନାକୁ ଆସିବା ପରେ ଲୋକେ ନିଜକୁ ଅସୁରକ୍ଷିତ ମନେ କଲେଣି । ଭୁବନେଶ୍ବରରେ ଥିବା ଏହି ଗ୍ୟାଙ୍ଗର ବିଭିନ୍ନ ଖଟିକୁ ଚିହ୍ନଟ କରାଯାଇଛି । କେବିଏନ ଗ୍ରୁପର ଏହି ଅପରାଧୀମାନେ ଭିଡିଓ ସୁଟ୍ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଥିଲେ । ମାଉଜର ଧରି ବ୍ଲାଙ୍କ ଫାୟାରିଂ କରୁଥିଲେ ଦୁର୍ବୃତ୍ତ। ଅନ୍ୟମାନଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଛି । ଚନ୍ଦ୍ରଶେଖରପୁର ଅଂଚଳରେ କେବିଏନ ଗ୍ରୁପ୍ ଦ୍ୱାରା ଆକ୍ରମଣ ଶିକାର ଜଣେ ଯୁବତୀ ଗ୍ରୁପର ଆତଙ୍କରାଜ ସଂପର୍କରେ ଖୁଲାସା କରିବା ସହ ପୋଲିସକୁ ଜଣାଇଥିଲେ । ଅଭିଯୋଗ ପରେ ପୋଲିସ ତନାଘନା ଚଳାଇଛି।

# ପାରାଦୀପ:ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ଗିରିଜା ହାରାନାଦ୍

**ପାରାଦ୍ୱୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଂଗଠନ ପାରାଦୀପ ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ଭାବେ ଶନିବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି ଗିରିଜା ହାରାନାଦ୍ । ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଥିବା ଲେଡିଜ୍ କ୍ଲବ୍ କାର୍ଯ୍ୟାଳୟରେ ଶନିବାର ଦିନ ଶ୍ରୀମତୀ ହାରାନାଦ୍ ପହଂଚିବା ପରେ ଲେଡିଜ୍ କ୍ଲବ୍ ଓ ଉପସଭାନେତ୍ରୀ ସୁଚିସ୍ମିତା ବୋଷ ଆନୁଷ୍ଠାନିକ ଭାବେ ତାଙ୍କୁ ସ୍ୱାଗତ କରିଥିଲେ । ସଭାନେତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ସ୍ୱାଗତ କରିବା ପାଇଁ ମନୋରଂଜନ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ପାରାଦୀପ ଲେଡିଜ୍ କ୍ଲବ୍‌ର ଉନ୍ନତି ନିମନ୍ତେ ସେ ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ କରିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମ କୁ ପ୍ରତି ଆରତୀ ପାଣିଗ୍ରାହୀ ଓ ଜ୍ୟୋତ୍ସ୍ନା ଦାଶ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଲେଡିଜ୍ କ୍ଲବ୍‌ର କାର୍ଯ୍ୟକାରୀ ସଭାନେତ୍ରୀ ସବିତା ପଣ୍ଡା । କ୍ଲବ୍‌ର ସଦସ୍ୟାମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।




## ଜାଲ ପ୍ରମାଣପତ୍ରରେ ଚାକିରୀ

# ଜନ୍ମରୁ ଓବିସି, ବିବାହ ପରେ ଏସ୍‌ଟି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅନୁସୁଚିତ ଜାତି ଜନଜାତଙ୍କ ପାଇଁ ସରକାରୀ ଚାକିରୀ କ୍ଷେତ୍ରରେ ରହିଛି ସଂରକ୍ଷଣ ବ୍ୟବସ୍ଥା କିନ୍ତୁ ଏହାର ପାଂଇଦା ଉଠାଇବାରେ ଲାଗିଛନ୍ତି କିଛି ଅସାଧୁ ବ୍ୟକ୍ତି। ନକଲି ଜାତିଗତ ପ୍ରମାଣପତ୍ର ଦେଇ କରିଛନ୍ତି। ବ୍ଲକ୍ ସାମାଜିକ ଅଧିକାରୀ। ଜାଲଗତ ପ୍ରମାଣ ପତ୍ର ଦେଇ ଚାକିରି ହାତେଇଥିବା ଅଭିଯୋଗ ଆସିଛି। ଗଂଜାମ ଜିଲ୍ଲା ଭଂଜନଗର ବ୍ଲକରୁ ଭଂଜନଗର ବ୍ଲକରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ମମିତା କୁମାରୀ ପ୍ରଧାନ । ତାଙ୍କ ଜାତିଗତ ପ୍ରମାଣପତ୍ର କହୁଛି, ସେ ଓବିସି ଶ୍ରେଣୀର । ମମିତା, ବିରିପଦର ଗାଁର ଅନୁସୂଚିତ ଜନଜାତିର ବ୍ୟକ୍ତି ଧବଳେଶ୍ୱର ନାୟକଙ୍କୁ ବିବାହ ପରେ ନଜିକୁ ଅନୁସୂଚିତ ଜନଜାତିର ଚାକିରି କରୁଛନ୍ତି, ଯାହା ବେଆଇନ୍ । ଆଇନ୍ ଅନୁସାରେ ଜାତି ସ୍ଥିର ରହିବ।

ବିବାହ ପରେ ଜାତି ବଦଳାଇବାର କୌଣସି ପ୍ରାବଧାନ ନଥିବା ବେଳେ ଭଂଜନଗର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମିତାଙ୍କ ଜାତି କେମିତି ବଦଳିଲା ବୋଲି ସୂଚନା ଅଧିକାରକର୍ମୀ ମନୋରଂଜନ ପ୍ରଶ୍ନ କରିଛନ୍ତି । ଜିଲ୍ଲା ପ୍ରଶାସନ ଏକଥା ଜାଣି ବି କାର୍ଯ୍ୟାନୁଷ୍ଠାନ ନେଉନଥିବା ସେ ଅଭିଯୋଗ କରିଛନ୍ତି । କେବଳ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଯୋଗ୍ୟ ବ୍ୟକ୍ତି ଜାଲ ଜାତଗତ ଓ ଜାଲ ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ବେଳେ ଯୋଗ୍ୟ ବ୍ୟକ୍ତି ସରକାରୀ ଚାକିରିଟିଏ ପାଇଁ ବାରମ୍ବାର ଆବେଦନ କରି ନିରାସ ହେଉଥିବା କହିଛନ୍ତି । ବେଆଇନ୍ ଭାବେ ଜାଲ ସାର୍ଟିଫିକେଟ୍ ଦେଇ ଚାକିରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଯୋଗ୍ୟ ବ୍ୟକ୍ତିଙ୍କୁ ଚାକିରି ଦେବାକୁ ଦାବି ହୋଇଛି ।

# ପ୍ରାଣୀ ଉତ୍ତମ ଜୀବନ ବଞ୍ଚିବାର ହକ୍‌ଦାର:ମନ୍ତ୍ରୀ ଅରୁଣ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପ୍ରତ୍ୟେକ ପ୍ରାଣୀ ଏକ ଉତ୍ତମ ଜୀବନ ବଞ୍ଚିବାର ଜୀବନ ହକ୍‌ଦାର ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଗତ ୧୧ ତାରିଖ ଦିନ କୃଷିଭବନସ୍ଥିତ ପ୍ରେକ୍ଷାଳୟରେ ଜୀବନ ମଙ୍ଗଳ ପାଇଁ ରାଜ୍ୟ ସରକାରଙ୍କ ନୂତନ ଯୋଜନା ଆରମ୍ଭ କର୍ମଶାଳାର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଡ.ସାହୁ ଏହା କହିଛନ୍ତି। ମଣିଷର ସୁବିଧାବାଦୀ ଜୀବନଶୈଳୀ ପାଇଁ ବୁଲା ଓ ବେସାହାରା ପ୍ରାଣୀଙ୍କ ଜୀବନରେ ବିପର୍ଯ୍ୟୟ ସୃଷ୍ଟି ହେବା ଉଚିତ୍ ନୁହେଁ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଚିତ୍ ଦିଗ୍‌ଦର୍ଶନରେ ବୁଲା ଓ ବେସାହାରା ପ୍ରାଣୀଙ୍କ ନିମନ୍ତେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧୀନରେ ନୂତନ ଜୀବନ ମଙ୍ଗଳ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାଗୁଡିକ ସ୍ଥାନୀୟ ସଂସ୍ଥା, ଜିଲ୍ଲା ଜୀବେ ନିଷ୍ଠୁରତା ନିରୋଧ ସମିତି, ଜୀବନ ମଙ୍ଗଳ କାର୍ଯ୍ୟକ୍ରମ ସହ ଜଡିତ ସ୍ୱେଚ୍ଛାସେବୀ ବେସରକାରୀ ସଂଗଠନ ଏବଂ ରାଜ୍ୟ ଜୀବ ମଙ୍ଗଳ ପରିଷଦର ସମନ୍ୱୟରେ କାର୍ଯ୍ୟକାରୀ ହେବ।

ରାଜ୍ୟରେ ନୂତନ ଗୋରୁ ଆଶ୍ରୟ ଗୃହ/ଗୋଶାଳା ପ୍ରତିଷ୍ଠା ପାଇଁ ଜୀବ ମଙ୍ଗଳ ସହ ଜଡିତ ସ୍ୱେଚ୍ଛାସେବୀ ଅଣ-ସରକାରୀ ସଂଗଠନଗୁଡିକ ରାଜୟ ସରକାରଙ୍କଠାରୁ ଅନୁଦାନ ପାଇ ପାରିବେ। ମୁନିସିପାଲ କର୍ପୋରେସନ, ମୁନିସିପାଲିଟି ଏବଂ ଏନ୍‌ଏଏସିରେ ବୁଲା ଗୋରୁ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଗୋଶାଳା ପ୍ରତିଷ୍ଠା କରିବା ପାଇଁ ଯୋଗ୍ୟ ସଂଗଠନଗୁଡିକୁ ପୁଞ୍ଜି ଭିତ୍ତିଭୂମି ସହାୟତା ଦିଗରେ ଏହି ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି କର୍ମଶାଳାରେ ସ୍ୱେଚ୍ଛାସେବୀ ସଂଗଠନ, ପୌରପାଳିକା ପ୍ରତିନିଧି, ବିଭାଗୀୟ ଅଧିକାରୀମାନେ ଏବଂ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଜିଲ୍ଲାସ୍ତରୀୟ ପ୍ରାଣୀ ଚିକିତ୍ସକମାନେ ଅଂଶଗ୍ରହଣ କରିଥିଲେ।




# ଜମିଦେବା ନାଁରେ ୪ଲକ୍ଷ ଟଙ୍କା ଠକେଇ ବିଲ୍ଡର ଗୟାଧର ପୁଣି ଗିରଫ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଜମି ଦେବା ନାଁରେ ୪ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ସହିଦନଗର ଥାନା ପୁଲିସ ଶାରଳା ରିଏଲ୍‌କନ୍ ପ୍ରାଇଭେଟ୍ ଲିମିଟେଡ୍ ମୁଖ୍ୟ ଗୟାଧର ଜେନାଙ୍କୁ ଗିରଫ କରିଛି । ପୁଲିସ ସୂଚନା ମୁତାବକ, ବହୁ ବର୍ଷତଳେ ଗୟାଧର ଲକ୍ଷ୍ମୀସାଗର ଥାନା ବୁଦ୍ଧେଶ୍ୱରୀ କଲୋନି ଜୟଦୁର୍ଗାନଗର ଅଂଚଳରେ ବିଲ୍ଡର ସଂସ୍ଥା ଆରମ୍ଭ କରିଥିଲେ। ଲୋକମାନଙ୍କୁ ଶସ୍ତାରେ ଜମିଦେବାର ଲୋଭ ଦେଖାଇ ଲକ୍ଷଲକ୍ଷ ଟଙ୍କା ନେଇଥିଲେ। ୨୦୨୧ ମସିହାରେ ପ୍ଲଟ ଦେବା ପାଇଁ ନିଆଳି ଅଂଚଳର ରାଜଲକ୍ଷ୍ମୀ ସ୍ୱାଇଁଙ୍କ ଠାରୁ ୪ଲକ୍ଷ ଟଙ୍କା ନେଇଥିଲେ। ଇତିମଧ୍ୟରେ ୧୦ବର୍ଷ ବିତିଯାଇଥିଲେ ବି ତାଙ୍କୁ ନା ଜମି ଦେଇଥିଲେ ନ ଟଙ୍କା ଫେରାଇ ଥିଲେ ଟଙ୍କା ଫେରାଇବା ପାଇଁ ଆଜିକାଲି କହି ଦିନ ଗଡାଇଚାଲିଥିଲେ । ଟଙ୍କା ପାଇଁ ରାଜଲକ୍ଷ୍ମୀ ବାରମ୍ବାର ଚାପ ପକାଇବାରୁ ଗୟାଧର ଧମକଚମକ ଦେଇଥିଲେ । ଏନେଇ ରାଜଲକ୍ଷ୍ମୀ ସହିଦନଗର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣା ତଦନ୍ତ ଜାରି ରଖିଥିଲା ଆଜି ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୂର୍ବରୁ ଠକେଇ ଅଭିଯୋଗରେ ଗୟାଧର ୪ଥର ଗିରଫ ହୋଇଥିଲେ।



# ବିଭିନ୍ନ ସେତୁ ଓ ରାସ୍ତା ନିର୍ମାଣର ସମୀକ୍ଷା ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମାଙ୍କ ଅଧକ୍ଷତାରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସେତୁ ଓ ରାସ୍ତା ନିର୍ମାଣ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀ ଦାସବର୍ମା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ତିନିକୁଦି, କୂଅପଦା, ପଥରପଦା, ନିଖିଳ ଗୋବିନ୍ଦପୁର, ସିରୁଳି-କରମଳା ସେତୁର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରିବା ସହ ସେତୁଗୁଡିକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ପାଇଁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୃଷ୍ଣପ୍ରସାଦ ବ୍ଲକ୍‌ର ମିର୍ଜାପୁର ବସ୍ତିରେ ଜମୁଥିବା ପାଣିର ନିଷ୍କାସନ ପାଇଁ ସୁବନ୍ଦୋବସ୍ତ କରିବା ନିମନ୍ତେ ଶ୍ରୀ ଦାସବର୍ମା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତତ୍‌ବ୍ୟତୀତ କୃଷ୍ଣପ୍ରସାଦ ବ୍ଲକର ଚଢେୟା ରାସ୍ତା, ବ୍ରହ୍ମଗିରି ବ୍ଲକ୍‌ର ନାଣ୍ଡୀପୁର ଓ ପୁରୀ ସଦର ବ୍ଲକ୍‌ର ଅଠରଭାଗ ରାସ୍ତାର ଆବଶ୍ୟକତା ଅନୁଯାୟୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିଭାଗୀୟ ଅଧିକାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବା ପାଇଁ ଶ୍ରୀ ଦାସବର୍ମା ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ଗ୍ରାମ୍ୟ ନିର୍ମାଣର ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ ସାମଲ, ମୁଖ୍ୟଯନ୍ତ୍ରୀ, କୋଠାବାଡି ଓ ସେତୁ ରମେଶ ବେହେରା, ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସତ୍ୟନାରାୟଣ ବେହେରା, ପୁରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରାମପ୍ରସାଦ ଆଚାର୍ଯ୍ୟଙ୍କ ସମେତ ପୁରୀ ଓ ବ୍ରହ୍ମଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅମରେଶ ପତ୍ରୀଙ୍କ କଳାହାଣ୍ଡି ଓ ଭବାନୀପାଟଣା ଗସ୍ତ ଅମରେଶ ପତ୍ରୀଙ୍କ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ତାଙ୍କର ୨ ଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତ ପରିପ୍ରେକ୍ଷୀରେ ଗୁରୁବାର ଭବାନୀପାଟଣା ଓଏଲ୍ଆଇସି ଡିଭିଜନରେ କାର୍ଯ୍ୟକାରୀ ହେଉଥିବା ଉଠା ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଓ ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ । ଭବାନୀପାଟଣା ସଦର ମହକୁମାଠାରେ ଏ ସଂପର୍କିତ ଏକ ବୈଠକରେ ଯୋଗଦେଇ ଓ.ଏଲ୍.ଆଇ.ସି ଅଧ୍ୟକ୍ଷ ଶ୍ରୀ ପତ୍ରୀ କହିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ କୃଷିର ଉନ୍ନତି ଓ କୃଷକମାନଙ୍କ କଲ୍ୟାଣ ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି । ସଂପ୍ରତି ରବି ଚାଷ କାର୍ଯ୍ୟ ସମୟରେ କୃଷି କ୍ଷେତ୍ରକୁ ଆବଶ୍ୟକ ପରିମାଣର ଜଳ ଯୋଗାଣକୁ ନିଶ୍ଚିତ କରିବାର ଆବଶ୍ୟକତା ଥିବାରୁ କୃଷକମାନଙ୍କୁ ସେମାନଙ୍କର ରହିଥିବା ସମସ୍ୟାର ସମାଧାନ କରିବାରେ ସହଯୋଗ କରିବାକୁ ଶ୍ରୀ ପତ୍ରୀ ଗୁରୁତ୍ୱାରୋପ କରିଥିଲେ । ୫ଟି ଆଧାରରେ ସ୍ୱଚ୍ଛତା ଓ ସାଧୁତା ଅବଲମ୍ବନ ପୂର୍ବକ କାର୍ଯ୍ୟକରି ନିର୍ମାଣାଧିନ ସମସ୍ତ ଉଠାଜଳସେଚନ ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶୀଘ୍ର ସଂପୂର୍ଣ୍ଣ କରିବା, ମରାମତି ଆବଶ୍ୟକ କରୁଥିବା ପ୍ରକଳ୍ପର ସମୀକ୍ଷା କରି ସେସବୁକୁ ପୁନଃ ସଚଳ କରିବା ପାଇଁ ଆବଶ୍ୟକତା ଅନୁସାରେ ତ୍ୱରିତ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଅଧ୍ୟକ୍ଷ ଶ୍ରୀ ପତ୍ରୀ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ସହିତ କେତେକ କ୍ଷେତ୍ରରେ ସଠିକ୍ କାର୍ଯ୍ୟ ସମ୍ପାଦନ ନିମନ୍ତେ ତାଗିଦ୍ କରିଥିଲେ ।

ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ନର୍ଲା ବିଧାୟକଙ୍କ ପ୍ରତିନିଧି ଶ୍ରୀ ସୁଧୀର ମହାନ୍ତି, ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ଋତୁରାଜ ମାଝି, ଭବାନୀପାଟଣା ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ସାହୁ, ଭବାନୀପାଟଣା ସଦର ବ୍ଲକ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡ, ଅଧିକ୍ଷଣ ଯନ୍ତ୍ରୀ, ଏଲ୍.ଆଇ. ଇଂ. ଦିଲ୍ଲୀପ କୁମାର ଦାଶ, ନିର୍ବାହୀ ଯନ୍ତ୍ରୀ, ଉଠା ଜଳ ସେଚନ ଡିଭିଜନ, ଭବାନୀପାଟଣା ଇଂ ସନ୍ତୋଷ କୁମାର ନାୟକ, ଧର୍ମଗଡ ସବ୍ ଡିଭିଜନର ସହକାରୀ ଯନ୍ତ୍ରୀ ଦିଗମ୍ବର ପାତ୍ର, ଏମ, ରାମପୁର ସହକାରୀ ଯନ୍ତ୍ରୀ ସେଲାଇ ନାଏକ, ଧର୍ମଗଡ ସହକାରୀ ଯନ୍ତ୍ରୀ ( ବିଦ୍ୟୁତ୍) ଚୈତନ୍ୟ ବାସ୍କେଙ୍କ ସମେତ ଉଠାଜଳସେଚନ ଡିଭିଜନ ଏବଂ ସଂପୃକ୍ତ ସବ୍ଡିଭିଜନ ଅନ୍ତର୍ଗତ କନିଷ୍ଠଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ବୈଠକରେ ଲାଞ୍ଜିଗଡ ବିଧାୟକ ଶ୍ରୀ ଦିଶାରୀ ଓ ଅନ୍ୟ ବିଧାୟକଙ୍କ ପ୍ରତିନିଧିମାନେ ନିଜ ନିର୍ବାଚନ ମଣ୍ଡଳୀରେ ଉଠା ଜଳସେଚନ ପ୍ରକଳ୍ପର ସ୍ଥିତି ଓ ସମସ୍ୟାର ସମାଧାନ ସଂପର୍କରେ ଓ.ଏଲ୍. ଆଇ.ସି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମୀକ୍ଷା ବୈଠକ ପରେ ଅଧ୍ୟକ୍ଷ ଶ୍ରୀ ପତ୍ରୀ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଭେଜିପଦର-୧ ଠାରେ ନଦୀ ପ୍ରକଳ୍ପ ଉଠାଜଳସେଚନ ପ୍ରକଳ୍ପ ଏବଂ ଶରଧାପୁର ଗଭୀର ସେଚ କୂପ କ୍ଲଷ୍ଟର ପରିଦର୍ଶନ କରିଥିଲେ । ସେହିପରି ଓ.ଏଲ୍.ଆଇ.ସି ଅଧ୍ୟକ୍ଷ ଶ୍ରୀ ପତ୍ରୀ ଆଜି ୨ୟ ଦିନରେ ଭବାନୀପାଟଣା ବ୍ଲକର ସଗଡା ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ଫଂତାପଡା ସ୍ଥିତ ଡିପ୍ ବୋରୱେଲ କ୍ଲଷ୍ଟର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ଏଠାରେ ଫୁଲକୋବି ଚାଷ କରି କୃଷକମାନେ କିପରି ଉପକୃତ ହେଉଛନ୍ତି, ସେ ସଂପର୍କରେ କୃଷକମାନଙ୍କସହିତ ଆଲୋଚନା କରିଥିଲେ ।

# ମାଛ ମୁଣ୍ଡ ଖାଉଛନ୍ତି କି ...ଜାଣିରଖନ୍ତୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପ୍ରାୟତଃ ବ୍ୟକ୍ତି ମାଛ ଖାଇବାକୁ ପସନ୍ଦ କରିଥାଆନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଅଟେ । ଏହାର ସ୍ୱାଦ ମଧ୍ୟ ଭଲ ଅଟେ । କିନ୍ତୁ ଅଧିକାଂଶ ଲୋକ ମାଛ ଅପେକ୍ଷା ତାର ମୁଣ୍ଡ ଖାଇବାକୁ ମଧ୍ୟ ପାଇଥାଆନ୍ତି । ମାଛ ମୁଣ୍ଡର ତରକାରୀ, ଇତ୍ୟାଦି ପ୍ରସ୍ତୁତ କରି ଖାଆନ୍ତି । ମାଛ ଖାଇବା ଶରୀର ପାଇଁ ଯେତେ ଉପକାରୀ ତାହା ପ୍ରାୟତଃ ନାହିଁ ତେବେ ଆସନ୍ତୁ ଜାଣିବା ମାଛ ମୁଣ୍ଡ ଖାଇବା ଦ୍ୱାରା ଶରୀରକୁ କ,ଣ ଲାଭ ମିଳିଥାଏ । ଆଜିକାଲି ବ୍ୟକ୍ତିଙ୍କ ମଧ୍ୟରେ ଆଖି ସମସ୍ୟା ଏକ ସାଧାରଣ ଲକ୍ଷଣ । ତେଣୁ ଅଧିକାଂଶ ବ୍ୟକ୍ତି ଚଷମା ବ୍ୟବହାର କରିଥାଆନ୍ତି । ମାଛ ମୁଣ୍ଡ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବୃଦ୍ଧି ହୋଇଥାଏ । ଏହାସହ ଆଖି ପୋଡିବା ସମସ୍ୟା ହୋଇ ନ ଥାଏ । ଏହା ବ୍ୟତୀତ ମାଛ ମୁଣ୍ଡ ଖାଇବା ଦ୍ୱାରା କେଶ ଝଡିବା ସମସ୍ୟାରୁ ମୁକ୍ତି ମିଳିଥାଏ । ଏହା ସହା କେଶ ସୁସ୍ଥ ଓ ଘନ ହୋଇଥାଏ ।



# ଶ୍ରୀଦେବୀ




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୮୦ ଓ ୯୦ ଦଶକରେ ଶ୍ରୀଦେବୀ ତାଙ୍କର ଚମତ୍କାର ଜରିଆରେ ବଲିଉଡ୍‌ରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ । କିନ୍ତୁ ଏହା ସହିତ ତାଙ୍କର ବ୍ୟକ୍ତିଗତ ଜୀବନ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ଥିଲା । ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ସହ ସଂପର୍କ ହେଉ କିମ୍ବା ବୋନି କପୁରଙ୍କ ସହିତ ବଢୁଥିବା ଘନିଷ୍ଠତା ନେଇ ଆଲୋଚନା ହେଉଥିଲା । କେବଳ ଏତିକି ନୁହେଁ, ପ୍ରତିବର୍ଷ ଶ୍ରୀଦେବୀ ରାକ୍ଷୀ ପୂର୍ଣ୍ଣିମାରେ ବୋନି କପୁରଙ୍କ ବାନ୍ଧି ରଖିଥିଲେ । କିନ୍ତୁ ହଠାତ୍ ବୋନି କପୁର ଓ ଶ୍ରୀଦେବୀଙ୍କ ମଧ୍ୟରେ ଭାଇ ଓ ଭଉଣୀଙ୍କ ସଂପର୍କ ପ୍ରେମରେ ପରିଣତ ହେଲା । ବୋନି କପୁର ୬୬ତମ ଜନ୍ମଦିନ ଅବସରରେ ବୋନି କପୁର ଓ ଶ୍ରୀଦେବୀଙ୍କ ପ୍ରେମ କାହାଣୀ କିପରି ଆରମ୍ଭ ହେଲା ଜାଣନ୍ତୁ ।

ଏକ ସମୟ ଥିଲା ବୋନି କପୁରଙ୍କ ପ୍ରଥମ ସ୍ତ୍ରୀ ମୋନା କପୁର ଏବଂ ଶ୍ରୀଦେବୀଙ୍କର ବନ୍ଧୁତା ଥିଲା । ତେବେ ଏତିକି ନୁହେଁ ମୋନା ଶ୍ରୀଦେବୀଙ୍କୁ ତାଙ୍କ ଘରେ ଦୀର୍ଘ ସମୟ ରହିବାକୁ ମଧ୍ୟ ସୁଯୋଗ ଦେଇଥିଲେ । ଏହି ସମୟରେ ଶ୍ରୀଦେବୀ ମିଥୁନ ଚକ୍ରବର୍ତ୍ତୀଙ୍କୁ ଡେଟ୍ କରୁଥିଲେ । ଏହା ମଧ୍ୟ କୁହାଯାଇଛି ଯେ ଶ୍ରୀଦେବୀ ଗୁପ୍ତରେ ମିଥୁନଙ୍କୁ ୧୯୮୫ରେ ବିବାହ କରିଥିଲେ । ବୋନିଙ୍କ ଘରେ ରହିବା ସମୟରେ ମିଥୁନ ଭାବିଥିଲେ ଯେ, ବୋନି କପୁର ଏବଂ ଶ୍ରୀଦେବୀଙ୍କ ମଧ୍ୟରେ କିଛି ଚାଲିଛି । ମିଥୁନଙ୍କ ଭ୍ରମ ଦୂର କରିବା ପାଇଁ ଶ୍ରୀଦେବୀ ବୋନି କପୁରଙ୍କୁ ରାକ୍ଷୀ ବାନ୍ଧୁଥିଲେ । ପ୍ରତିଦିନ ମିଥୁନ ଏବଂ ଶ୍ରୀଦେବୀଙ୍କ ପ୍ରେମ କାହାଣୀ ବଲିଉଡ୍‌ରେ ଚର୍ଚ୍ଚାର ରହିବାକୁ ଲାଗିଲା । ମିଥୁନଙ୍କ ପ୍ରଥମ ସ୍ତ୍ରୀ ଗୀତାବାଲି ଏହି ବିଷୟ ଜାଣିଲେ । ସେ ମିଥୁନଙ୍କୁ ଧମକ ଦେଇଥିଲେ, ଏହାପରେ ଶ୍ରୀଦେବୀ ଓ ମିଥୁନ ୧୯୮୮ରେ ଅଲଗା ହୋଇଥିଲେ ।

ଫିଲ୍ମ 'ମିଷ୍ଟର ଇଣ୍ଡିଆ' ସମୟରେ ବୋନି କପୁର ଶ୍ରୀଦେବୀଙ୍କୁ ଫିଲ୍ମରେ ନେବା ପାଇଁ ତାଙ୍କ ପାଖକୁ ଯାଇଥିଲେ । ଏହି ସମୟରେ ସେ ଶ୍ରୀଦେବୀଙ୍କ ସହ ତାଙ୍କର ହୃଦୟର କଥା କହିଥିଲେ । ପରେ ଉଭୟ ଅନେକ ଚଳଚ୍ଚିତ୍ରରେ ଏକାଠି କାମ କରିବା ଏବଂ ଏକାଠି ଅଧିକ ସମୟ ବିତାଇବା ଆରମ୍ଭ କଲେ । ବୋନିଙ୍କ ପ୍ରଥମ ସ୍ତ୍ରୀ ତାଙ୍କୁ କେବେ ବି ସନ୍ଦେହ କରିନଥିଲେ । କାରଣ ଶ୍ରୀଦେବୀ ବୋନିଙ୍କୁ ତାଙ୍କ ଭାଇ ବୋଲି କହୁଥିଲେ । ହଠାତ୍ ଦିନେ ମୋନା ଜାଣିବାକୁ ପାଇଲେ ଯେ ଶ୍ରୀଦେବୀ ଗର୍ଭବତି ଅଛନ୍ତି । ଏହା ଜାଣି ତାଙ୍କ ଗୋଡ ତଳୁ ମାଟି ଖସି ପଡିଲା ଭଳି ଲାଗିଥିଲା । ବୋନି ମୋନାଙ୍କୁ ଛାଡପତ୍ର ଦେଇ ୧୯୯୬ରେ ଶ୍ରୀଦେବୀଙ୍କୁ ବିବାହ କରିଥିଲେ । ଏହାପରେ ଯାହ୍ନବୀ କପୁର ମାତ୍ର କିଛି ମାସ ପରେ ଜନ୍ମ ହୋଇଥିଲେ ।

# ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ଓ ଆଲୋଚନା ଚକ୍ର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡିଶାର ମହାନ୍ ବିପ୍ଳବୀ ଶହୀଦ୍ ଜୟୀ ରାଜଗୁରୁଙ୍କ ଜୀବନ ହେଉଛି ଦେଶ ଭକ୍ତି ଓ ଆତ୍ମୋତ୍ସର୍ଗର ଏକ ରୋମାଂଚକର ଗାଥା । ପ୍ରଚଣ୍ଡ କୂଟନୀତି, ଦୁର୍ବାର ସାହସ ଓ ଅସାମାନ୍ୟ ବୀରତ୍ୱ ବଳରେ ଜୟୀ ରାଜଗୁରୁ ଇଂରେଜ ଶାସକମାନଙ୍କ ବିରୋଧରେ ପ୍ରତିରୋଧାତ୍ମକ ବିପ୍ଳବ କରିଥିଲେ । ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ସଂଘଠିତ ପାଇକ ବିଦ୍ରୋହ ଓଡିଶା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା । ମାତୃଭୂମିର ସୁରକ୍ଷା ପାଇଁ ଆମ ରାଜ୍ୟ ତଥା ଦେଶର ମହାନ୍ ସଂଗ୍ରାମୀ ଦେଶଭକ୍ତଙ୍କ ବଳିଦାନ ଦୀର୍ଘଜୀବୀ ହେଉ ବୋଲି ଆଜି ସଂଧ୍ୟାରେ ଜୟଦେବ ଭବନଠାରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡିଶାଙ୍କ ମିଳିତ ଆୟୋଜନରେ ଅନୁଷ୍ଠିତ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସଭାରେ ଯୋଗଦେଇ ବକ୍ତା ଓ ଅତିଥିମାନେ ଏହା ପ୍ରକାଶ କରିଛନ୍ତି ।

ଉଭୟ ମଂଚ ଓ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଜୟୀ ରାଜଗୁରୁଙ୍କ ଦୁଃସାହସିକ ପାଇକ ବିଦ୍ରୋହର ସଂଗ୍ରାମର କାହାଣୀ ଉପରେ ଆଲୋକପାତ କରି ଜୟୀ ରାଜଗୁରୁଙ୍କ ଦେଶ ଭକ୍ତି, ମାତୃଭକ୍ତି ଓ ସ୍ୱାଭିମାନ ସର୍ବଦା ତାଙ୍କୁ ଅମର କରି ରଖିବ ବୋଲି କହିଥିଲେ । ଯୁବପିଢି ତାଙ୍କରି ଅମର ବଳିଦାନକୁ ମନେ ପକାଇ ଦେଶର ଉନ୍ନତି ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଥିଲେ ଯେ, ଜଣେ ଯଶସ୍ୱୀ ଦେଶଭକ୍ତ ଜୟୀ ରାଜଗୁରୁ ୧୮୦୪ ମସିହାରେ ଇଂରେଜ ଶାସନ ବିରୋଧରେ ସଂଘଠିତ ପାଇକ ବିଦ୍ରୋହକୁ ପ୍ରଥମେ ନେତୃତ୍ୱ ଦେଇ ଓଡିଶାରେ ସ୍ୱାଧୀନତା ସଂଗ୍ରାମର ମୂଳଦୂଆ ପକାଇଥିଲେ । ଜୟୀ ରାଜଗୁରୁଙ୍କ ସ୍ମୃତି ରକ୍ଷା ପାଇଁ ସମସ୍ତେ ସରକାରୀ ତଥା ନିଜ ନିଜ ସ୍ତରରେ ସମ୍ମିଳିତ ପ୍ରୟାସର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଥିଲେ । ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସ ବର୍ମା ଯୋଗଦେଇ କହିଲେ ଯେ, ଆମେ ଯେତେବେଳେ ଆମ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛୁ, ୨୦୦ ବର୍ଷ ପୂର୍ବେ ମହାନ ବିପ୍ଳବୀ ଜୟୀ ରାଜଗୁରୁଙ୍କ ପରି ଦେଶଭକ୍ତ, ସଂଗ୍ରାମୀମାନଙ୍କର ସଂଗ୍ରାମ,ବଳିଦାନ ଓ ବୀରତ୍ୱର ଗାଥାକୁ ସଂକଳନ କରି ଆଗାମୀ ପିଢି ପାଇଁ ବାର୍ତ୍ତା ପହଁଚାଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ ।



ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ତଥା ଓଡିଶା ରିଭ୍ୟୁର ସଂପାଦକ ଡ଼. ଲେନିନ୍ ମହାନ୍ତି ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ୍ ଭାବେ ଅଭିହିତ କରିବା ସହିତ ଏହି ମହାନ୍ ବିପ୍ଳବୀଙ୍କ ଠାରେ ଓଡିଆ ଜାତିର ଯେଉଁ ପରାକାଷ୍ଠା ରହିଥିଲା, ତାହାକୁ ଉଜ୍ଜୀବିତ କରି ତାଙ୍କ ଉପରେ ପର୍ଯ୍ୟବସିତ ଗବେଷଣାତ୍ମକ ଲେଖାକୁ ନେଇ ଏକ ପୁସ୍ତକ ପ୍ରକାଶନ କରିବା ସହ ଅନ୍ୟାନ୍ୟ ସ୍ମରଣୀୟ କାର୍ଯ୍ୟ କରିବାକୁ ପ୍ରସ୍ତାବ ରଖିଥିଲେ । ମୁଖ୍ୟ ବକ୍ତା ଗବେଷକ ଡଃ. ଗଣେଶ ଚନ୍ଦ୍ର ରଥ ଜୟୀ ରାଜଗୁରୁଙ୍କ ଜୀବନୀ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ସେ କହିଲେ ଯେ, ଜୟୀ ରାଜଗୁରୁ ପ୍ରଜାମାନଙ୍କର ସୁଖ, ଶାନ୍ତି, ସମୃଦ୍ଧି ଚାହୁଁଥିଲେ । ଭବିଷ୍ୟତ ବିପଦକୁ ସାମନା କରିବା ପାଇଁ ପାଇକ ଆଖଡା ଶିକ୍ଷା. ଯୁବକମାନଙ୍କ ମଧ୍ୟରେ ନୂତନ ଉଦ୍ଦୀପନା ସୃଷ୍ଟି କରିବାର ଆଶା ନେଇ ଯୁବକମାନଙ୍କୁ ପ୍ରେରଣା ଯୋଗାଉଥିଲେ । ଏଭଳି ମହାପୁରୁଷ ଆମ ରାଜ୍ୟ ତଥା ଦେଶରେ ଯୁଗେ ଯୁଗେ ଜନ୍ମ ନେଉଥାନ୍ତୁ ବୋଲି ସେ ପ୍ରକାଶ କରିଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଜୟୀ ରାଜଗୁରୁଙ୍କ ସଂଗ୍ରାମୀ ଜୀବନ ଓ ବଳିଦାନ ସଂପର୍କରେ ସଂକ୍ଷେପରେ ଆଲୋକପାତ କରିଥିଲେ । ଶହୀଦ୍ ଜୟୀ ରାଜଗୁରୁ ସ୍ମୃତିକମିଟିର ସଂପାଦକ ଶ୍ରୀ ଜଟାଧାରୀ ମିଶ୍ର ଧନ୍ୟବାଦ ଅଭିଭାଷଣରେ ଜୟୀ ରାଜଗୁରୁଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ କମିଟି ତରଫରୁ ପ୍ରତିବର୍ଷ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଉଦ୍ୟମ ସଂପର୍କରେ ପ୍ରକାଶ କରିବା ସହିତ ତାଙ୍କର ସ୍ମୃତିକୁ ଅଧିକ ବ୍ୟାପକ କରିବା ପାଇଁ ଜୟ ରାଜଗୁରୁ ଚେୟାର ପ୍ରତିଷ୍ଠା, ଜୟୀ ରାଜଗୁରୁଙ୍କ ନାମରେ ବିଦ୍ୟାଳୟ , ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଆଦି ସ୍ଥାପନ ଓ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୂଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଏହି ଦିବସ ଉପଲକ୍ଷେ ଅପରାହ୍ଣ ୩ ଟା ସମୟରେ ଜୟଦେବ ଭବନଠାରେ "ଓଡିଶାରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପଦଧ୍ୱନି ଓ ଜୟୀ ରାଜଗୁରୁ" ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ଡଃ. ଅଶୋକ କୁମାର ମହାପାତ୍ର ଉଦ୍‌ଘାଟକ, ମୁଖ୍ୟବକ୍ତା ଭାବେ ପ୍ରଫେସର ନାରାୟଣ ରାଓ, ସଭାପତି ପ୍ରାକ୍ତନ ସୂଚନା ଓ ଲୋକ ସଂପର୍କ କମିଶନର ତଥା ଶାସନ ସଚିବ ଦିଗମ୍ବର ମହାନ୍ତି, ଅତିଥିଭାବେ ଉମାକାନ୍ତ ମହାପାତ୍ର, ଅଧ୍ୟାପକ ପ୍ରସନ୍ନ କୁମାର ଜେନା, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ, ସ୍ମୃତିକମିଟିର ସଂପାଦକ ଶ୍ରୀ ମିଶ୍ର ପ୍ରମୁଖ ଯୋଗ ଦେଇ ଜୟୀ ରାଜଗୁରୁଙ୍କ ଉପରେ ଐତିହାସିକ ଓ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ ପ୍ରସନ୍ନ ଜେନା, ଡଃ ଭାସ୍କର ମିଶ୍ର, ଡଃ ଅସୀମ ମହାନ୍ତି, ଡଃ. ଜନ୍ମେଜୟ ଲେଙ୍କା, ଡଃ. ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଐତିହାସିକ ଓ ଗବେଷକମାନେ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ପ୍ରାଧ୍ୟାପକ ସୁନୀଲ ରଥ ମଂଚ ପରିଚାଳନା କରିଥିଲେ । ଆଲୋଚନା ଚକ୍ରରେ ବିଶିଷ୍ଟ ଐତିହାସିକ ଓ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସକାଳେ ଏଜି ଛକ ସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତୀରେ ଅତିଥି, ମାନ୍ୟଗଣ୍ୟ ବ୍ୟକ୍ତି, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଓ ଅଧିକାରୀମାନ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ ।

# ଚାକିରୀ ଦେବା ନାଁ ରେ ଯୁବକସଂଘ ସଭାପତି ଇଂ. ମନୋଜଙ୍କ ନାଁରେ ଏତଲା

**ପାରାଦ୍ୱୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ଅଂଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ପାରାଦୀପ ଯୁବକ ସଂଘର ସଭାପତି ଇଂ.ମନୋଜ କୁମାର ନାୟକ ଚାକିରୀ ଦେବା ନାଁ ରେ ଟଙ୍କା ହଡପ କରିଥିବା ନେଇ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ, ପାରାଦୀପ ବାଲିଝରାରେ ରହୁଥିବା ପ୍ରଶନ୍‌ଜିତ ମାଇତିଙ୍କୁ ଚାକିରୀ କରାଇଦେବା ପାଇଁ ପାରାଦୀପ ଯୁବକ ସଂଘର ସଭାପତି ଇଂ.ମନୋଜ କୁମାର ନାୟକ ୨୦୨୦ ମସିହା ନଭେମ୍ବର ମାସ ୧୭ ତାରିଖ ଦିନ ପଚିଶ ହଜାର ଟଙ୍କା ନେଇଥିଲେ । ଚାକିରୀ ପାଇଁ ପ୍ରଶନ୍‌ଜିତ ବାରମ୍ବାର ଅନୁରୋଧ କରିଥିଲେବି ମନୋଜ ଦିନ ପରେ ଦିନ ଗଡେଇ ଚାଲିଥିଲେ । ଶେଷରେ ପଶନ୍‌ଜିତ୍ ଟଙ୍କା ଫେରାଇବକୁ କହିବାରୁ ମନୋଜ କୋଡିଏ ହଜାର ଟଙ୍କା ଫେରାଇଥିଲେ । ଅବଶିଷ୍ଟ ଟଙ୍କା ଫେରି ପାଇବାକୁ ମାଗିବାରୁ ମନୋଜ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଦେଇଥିବା ନେଇ ସେ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।





ଜଣେ ସମାଜସେବୀଙ୍କ ଏଭଳି କାର୍ଯ୍ୟକୁ ସବୁ ମହଲରେ ନିନ୍ଦା କରାଯାଇଛି ।

# ଜଗତସିଂହପୁରରେ ଆଇନସେବା ଶିବିର

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଆଦିକବି ସାରଳା ଦାସ ସଂସ୍କୃତି୯ଭବନ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ବୃହତ୍ ଆଇନସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନ କହିଲେ ଗରିବ ଅସହାୟ ଲୋକମାନଙ୍କୁ ନ୍ୟାୟ ଦେବାପାଇଁ ଆଇନର ସମସ୍ତ ବ୍ୟବସ୍ଥା ରହିଛି । ଆଇନ ବିଷୟରେ ଅସହାୟ ଗରିବ,ଅଶିକ୍ଷିତ ଲୋକମାନଙ୍କୁ ସଚେତନ କରିବା ଆମସମସ୍ତଙ୍କର ଗୁରୁ ଦାୟୀତ୍ୱ ରହିଛି । ଜଗତସିଂହପୁର ଏକ ଛୋଟିଆ ଜିଲ୍ଲା ହୋଇଥିଲେ ମଧ୍ୟ ପୁରୁଷ ସ୍ୱାକ୍ଷରତାରେ ଏହା ଓଡିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏଠାକାର ଲୋକମାନେ ଅଧିକ ସଚେତନଶୀଳ,ସାଧାରଣ ଲୋକଙ୍କୁ ଆଇନ ଉପରେ ଧାରଣା ଦେବା ସରକାରଙ୍କ ବିଭିନ୍ନ ସ୍କିମ୍ ଉପରେ ସୂଚନାଦେବା ଆଇନ୍‌ର ବିଭିନ୍ନ ଦିଗ ଉପରେ ଧାରଣା ଦେବା ଆଇନ୍ କୁ ସେମାନଙ୍କ ନିକଟରେ ପହଞ୍ଚାଇ ସେମାନଙ୍କର ସମସ୍ୟାକୁ ହ୍ରାସ କରିବାପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଜିଲ୍ଲା ଜଜ୍ ପରାମର୍ଶ ଦେଇଥିଲେ । ଆଜିର ଶିବିରକୁ ସଫଳଭାବେ ଆୟୋଜନ କରିଥିବାରୁ ଜିଲ୍ଲା ପ୍ରଶାସନ ଧନ୍ୟବାଦ ଦେଇଥିଲେ । ଏହି ସଭାରେ ସମ୍ମାନୀତ ଅତିଥିଭାବେ ଜିଲ୍ଲାପାଳ ପାରୁଲ ପଟାୱରୀ ଯୋଗଦେଇ କହିଲେ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ସଫଳ ରୂପାୟନ ପାଇଁ ଆଜିର ଶିବିର ଷ୍ଟଲ ପକାଯାଇ ଜନସାଧାରଣଙ୍କୁ ସଚେତନତା କରାଯାଉଛି । ଆଇନସେବା ଯେପରି ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇଦେଉଛି ସେହିପରି ସରକାରଙ୍କ ଜନକଲ୍ୟାଣ ଯୋଜନାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଇପାରୁଛି । ବିଭିନ୍ନ ବିଭାଗ ଦ୍ୱାରା ସମସ୍ତ ସରକାରୀ ଯୋଜନାକୁ ଗରୀବ ,ଅସହାୟ,ଅର୍କମଣୀୟ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି । ଲୋକମାନଙ୍କର ଯେ କୌଣସି ସମସ୍ୟା ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ପ୍ରସ୍ତୁତ ଅଛି । ଏହି ଶିବିର ମାଧ୍ୟମରେ ବିଭିନ୍ନ ହିତାଧିକାରୀ ମାନଙ୍କୁ ସେମାନଙ୍କ ବେନିଫିଟ ଯୋଗାଇ ଦିଆଯାଇ ସେମାନଙ୍କୁ ଉତ୍ସାହିତ କରାଯାଉଛି । ଏହି ଭଳି ପ୍ରୟାସ ଜାରି ରହିଲେ ଆଗାମୀ ଦିନରେ ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରାଯାଇପାରିବ । ଏହି ସଭାରେ ପରିବାର ଅଦାଲତ ଜଜ୍ ଡଃ.ଜୀବନଜ୍ୟୋତି ରଥ ଯୋଗଦେଇ କହିଲେ ପରିବାର ସମାଜର ଏକ ମୁଖ୍ୟ ଅଙ୍ଗ । ପରିବାରକୁ ନେଇ ସମାଜ,ସମାଜକୁ ନେଇ ରାଜ୍ୟ,ପିଲାଟିଏ ପରିବାରର ଶିକ୍ଷା ପାଇବା ସହ ପରିବାରର ଲୋକମାନଙ୍କ ଠାରୁ ଅନୁକରଣ କରିଥାଏ ।ପ୍ରତ୍ୟେକ ପିଲା ଉପରେ ତାର ପରିବାର ଏକ ଗଭିର ଛାପ ଛାଡି ଦେଇଥାଏ । ଯାହାକି ଲୋଭାଇବା ଅସମ୍ଭବ । ପରିବାର ଅଦାଲତରେ ୩ହଜାରରୁ ଊର୍ଦ୍ଧ୍ୱ କେଶ୍ ଥିଲା । ତାହାକୁ ସମସ୍ତଙ୍କ ସହଯୋଗରେ ହ୍ରାସ କରାଯାଉଛି । ଜିଲ୍ଲା ଅଇନ୍‌ସେବା ଆନୁକୂଲ୍ୟରେ ଏକ ମଧ୍ୟସ୍ଥତା କମିଟି ଗଠନ କରାଯାଇପାରିଲେ । ଆଗାମୀ ଦିନରେ ବିଭିନ୍ନ ମାମଲା କୋର୍ଟ କଚେରୀକୁ ନଯାଇ ଆପୋଷ ସମାଧାନରେ ଶେଷକରାଯାଇପାରିବ । ଏହି ସଭାରେ ଜିଲ୍ଲା ଓକିଲ ସଂଘର ସଭାପତି ଗଗନଚନ୍ଦ୍ର ଦାଶ ଯୋଗ ଦେଇ ଆଇନ ଉପରେ ବିସ୍ତୃତ ବିବରଣୀ ଦେଇଥିବା ବେଳେ ଓକିଲ,ବୁଦ୍ଧିଜୀବୀ,ପିଏଲଭି ମେମ୍ବରକୁ ନେଇ ଏକ ଫାଉଣ୍ଡେସନ ଉପରେ ଗୁରାତ୍ୱାରୋପ କରିଥିଲେ । ଏହି ସଭାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ର ସଚିବ ସୁନନ୍ଦା ପାଢି ଯୋଗଦେଇ ବୃହତ ଆଇନସେବା ଶିବିର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସମସ୍ତଙ୍କୁ ସମ୍ମାନର ସହ ବଞ୍ଚିବାକୁ ସମ୍ବିଧାନରେ ବ୍ୟବସ୍ଥା ରହିଛି । ସମ୍ବିଧାନରେ ସମସ୍ତଙ୍କୁ ମାଗଣା ଶିକ୍ଷାଦେବା ବ୍ୟବସ୍ଥାରହିଛି । ଗରୀବ ଅସହାୟ ମାନଙ୍କୁ ମାଗଣାରେ ଆଇନସେବା ଯୋଗାଇଦେବା ପାଇଁ ,ଦେଶରେ ନାଲସା କାର୍ଯ୍ୟକରୁଥିବା ବେଳେ ରାଜ୍ୟରେ ରାଜ୍ୟ ଆଇନସେବା ଏବଂ ଜିଲ୍ଲାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ବିଭିନ୍ନ ଆଇନସେବା ଯୋଗଇ ଦିଆଯାଉଛି । ପାରାଲିଗାଲ ସ୍ୱେଚ୍ଛାସେବୀ ଓକିଲ ମାନଙ୍କ ମିଳିତ ସହଯୋଗ ରହିଲେ ଜିଲ୍ଲା ଆଇନସେବା ପ୍ରାଧିକରଣ ଆଗାମୀ ଦିନରେ ଗରିବ ମାନଙ୍କୁ ସମୁଚିତ ନ୍ୟାୟ ପ୍ରଦାନ କରିବାରେ ସହାୟକ ହୋଇପାରିବ । ଶେଷରେ ଅତିରିକ୍ତ ସବ୍‌ଜଜ୍ ତଥା ସିଭିଲ ଜଜ୍ ଅଭୟକୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ତଥା ଆର୍ଶିବାଦ ଯୋଜନା ,ମତ୍ସ୍ୟଜୀବୀ ପୋଖରି ଯୋଜନା,ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା,ବିଧବା ଭତ୍ତା,ଅର୍କମଣ୍ୟ ଭତ୍ତା,ମିଶନ ଶକ୍ତି ଯୋଜନାର ହିତାଧିକାରୀ ମାନଙ୍କୁ ଆର୍ଥିକ ସହାୟତା,ଟ୍ରାଇସାଇକେଲ,ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବିଭାଗ ,ଜିଲ୍ଲା ସମାଜ ମଙ୍ଗଳ ବିଭାଗ,ଓରମାସ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲା ଯାଇଥିଲା । ଏହି ଉତ୍ସବରେ ଜିଲ୍ଲା କୋର୍ଟର ସମସ୍ତ ବିଚାରବିଭାଗୀୟ ଅଧିକାରୀ ଜିଲ୍ଲା ସ୍ତରୀୟ ଅଧିକାରୀ ,ଆଇନଜୀବୀ,ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା,ମହିଳା ସ୍ୱୟଂସହାୟକ ଗୋଷ୍ଠିର କର୍ମକର୍ତ୍ତା ମିଶନ ଶକ୍ତିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ ।

# ମଙ୍ଗଳ ଗ୍ରହରୁ ଆସିଛି ବିସ୍ମୟ ବାଳକ, ପୃଥିବୀ ଧ୍ୱଂସ ହେବା ନେଇ ମାନବ ଜାତିକୁ ଚେତାବନୀ

**ନୂଆଦିଲୀ(ସଂପର୍କବାର୍ତ୍ତା):-** ଋଷର ଜଣେ ବାଳକଙ୍କ ଆଶ୍ଚର୍ଯ୍ୟଜନକ ଦାବି । ପୃଥିବୀରେ ତାଙ୍କର ପୁନର୍ଜନ୍ମ ହୋଇଥିବା ଏହି ବିସ୍ମୟ ବାଳକ ଦାବି କରିଛନ୍ତି । ଏହି ବାଳକଙ୍କୁ ଚାଇଲ୍ଡ ଜିନିୟସ ନାମରେ ନାମିତ କରାଯାଇଛି । ଏହି ବାଳକ ଜଣଙ୍କ ଦାବି କରିଛନ୍ତି ଯେ, ସେ ପୂର୍ବଜନ୍ମରେ ମଙ୍ଗଳ ଗ୍ରହର ନିବାସୀ ଥିଲେ ଏବଂ ପୃଥିବୀରେ ତାଙ୍କର ପୁନର୍ଜନ୍ମ ହୋଇଛି । ଏହି ବିସ୍ମୟ ବଙ୍କଳ ହେଉଛନ୍ତି ଋଷର ବୋଲ୍ଗାଗ୍ରାଡରେ ରହିଥିବା ବୋରିସ୍କା କିପ୍ରିୟାନୋଭିଚ୍ । ଅନ୍ତରୀକ୍ଷକୁ ନେଇ ବୋରିସ୍କାଙ୍କର ଅସାଧାରଣ ତଥ୍ୟ ସାରା ଦୁନିଆର ବୈଜ୍ଞାନିକମାଙ୍କୁ ଚକିତ କରିଦେଇଛି । ୨୦୧୭ରେ ବୋରିସ୍କା ପୃଥିବୀ ନେଇ ଏଭଳି କିଛି ଚେତାବନୀ ଦେଇଥିଲେ ଯାହାକି ଚର୍ଚ୍ଚାର ବିଷୟ ପାଲଟିଥିଲା ବୋରିସ୍କା କହିଥିଲେ ଯେ, ହଜାର ହଜାର ବର୍ଷ ପୂର୍ବେ ଏକ ନ୍ୟୁକ୍ଲିଅର ସଙ୍ଘର୍ଷରେ ତାଙ୍କର ପ୍ରଜାତି ସମୂଳେ ନାଶ ହୋଇଯାଇଥିଲେ । ଏବେ ପୃଥିବୀ ସେହି ଦିଗ ଆଡକୁ ଗତି କରୁଛି । ପୃଥିବୀବାସୀ ମଧ୍ୟ ସେହି ବିନାଶକୁ ସମ୍ମୁଖୀନ କରିବେ । ତେଣୁ ବୋରିସ୍କାଙ୍କୁ ଏକ ପୃଥିବୀକୁ ପଠାଯାଇଛି ।



ବୋରିସ୍କା କହିଛନ୍ତି ଯେ ମଙ୍ଗଳ ଗ୍ରହରେ ପାଇଲଟ ଥିଲେ । ଏକା ଯୁଦ୍ଧରେ ତାଙ୍କ ଗ୍ରହ ଧ୍ୱଂସ ହୋଇଯାଇଥିଲା ଏବେବି ମଙ୍ଗଳ ଗ୍ରହରେ କିଛି ଲୋକ ବସବାସ କରୁଛନ୍ତି । ପୃଥିବୀରେ ମାନବ ଜାତିକୁ ଏହି ଧ୍ୱଂସ ଲୀଳାରୁ ବଂଚାଇବା ପାଇଁ ଅନ୍ୟ ଲୋକମାନଙ୍କ ସହ ସେ ପୁନର୍ଜନ୍ମ ନେଇଛନ୍ତି । ମଙ୍ଗଳ ଗ୍ରହରେ ଏବେ କିଛି ଲୋକ ଅମର ଅଛନ୍ତି । ଯେ, ମଙ୍ଗଳ ଗ୍ରହରେ ୩୫ବର୍ଷ ପରେ ଆଉ ବୟସ ବଢେ ନାହିଁ । ଲୋକମାନେ ଅମର ହୋଇଯାଆନ୍ତି । ସେ ପୁଣି କହିଛନ୍ତି ଯେ, ପୁଣି କହିଛନ୍ତି ଯେ, ମଙ୍ଗଳବାସୀ ଶାରୀରିକ ରୂପରେ ଲମ୍ବା ଏବଂ ଟେକ୍ନିକ୍ ରୂପରେ ଅଧିକ ଉନ୍ନତ । ସେମାନେ ଅନ୍ତରୀକ୍ଷ ଯାତ୍ରା କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ସକ୍ଷମ । ବୋରିସ୍କାଙ୍କ ପିତାମାତା କହିଛନ୍ତି ଯେ, ଯେତେବେଳେ ବୋରିସ୍କା ଜନ୍ମ ନେଇଥିଲେ ସେ ଅନ୍ୟ ପିଲାମାନଙ୍କ ଅପେକ୍ଷା ଭିନ୍ନ ଥିଲେ । ସେ ଜନ୍ମ ହେବାର ଦୁଇ ସପ୍ତାହ ପରେ ନିଜେ ମୁଣ୍ଡ ସଳଖ କରିଥିଲେ ଏବଂ କିଛି ମାସ ମଧ୍ୟରେ କଥା କହିବା ଆରମ୍ଭ କରିଥିଲେ ।

# 'ଜାତୀୟ ପ୍ରେସ୍ ଦିବସ' ଅବସରରେ ପାରାଦ୍ୱୀପ ସାମ୍ବାଦିକଙ୍କ ବୃକ୍ଷରୋପଣକୁ ପ୍ରଶଂସା



**ପାରାଦ୍ୱୀପ(ଶଶାଙ୍କ ଆଚାର୍ଯ୍ୟ):-** ଜାତୀୟ ପ୍ରେସ୍ ଦିବସ ପାଳନର ଅବ୍ୟବାହିତ ପୂର୍ବରୁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ଶନିବାର ଦିନ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନ ପରେ କରୋନା ମହାମାରୀର କଟକଣା କୋହଳ ହେବା ପରେ ବନ୍ଦର ସହର ପାରଦୀପରେ କାର୍ଯ୍ୟରତ ସାମ୍ବାଦିକମାନେ ଅମ୍ଳଜାନ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ବୃକ୍ଷରୋପଣ କରିବାକୁ ସ୍ଥିର କରିଥିଲେ । ଏହିକ୍ରମରେ ପାରାଦୀପ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପଛ ପଟରୁ ମଧୁବନ ମସ୍‌ଜିଦ୍ ପର୍ଯ୍ୟନ୍ତ ରାସ୍ତା କଡରେ ଫଳ ଜାତୀୟ ବୃକ୍ଷ ରୋପଣ କରିଥିଲେ । ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ,ସ୍ୱାଧୀନଚେତା ଦାସମହାପାତ୍ର, ସଂଜୟ କୁମାର ମଝିଶ୍ର, ନାରାୟଣ ବେହେରା, ରତ୍ନାକର ଜେନା, ରବିନ୍ଦ୍ର ଜେନା, ଦୀପକ ଦାସ, ଜଗନ୍ନାଥ ଶତପଥି, ସୁଧାଂଶୁ ନାୟକ, ରାଜେନ୍ଦ୍ର ଶୁକ୍ଲା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ବୃକ୍ଷରୋପଣ କରାଯାଇଥିଲା । ଓଡିଶା ବନ ଉନ୍ନୟନ ନିଗମ ଏହି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ, ଶୁକଦେବ ଜେନା,ରାମଚନ୍ଦ୍ର ସ୍ୱାଇଁ, ଅମୀୟ ଦାସ, ଶରତ ରାଉତ, ଆଦିତ୍ୟ ରାଉତରାୟଙ୍କ ସମେତ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଏହି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଏହି କାର୍ଯ୍ୟକୁ ପାରାଦୀପର ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯିବା ସହିତ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଜଣାପଡିଛି ।

# ନିଖିଳ ଓଡିଶା ଗ୍ରାମରୋଜଗାର ସେବକ ସଂଘ ଜଗତସିଂହପୁର ଜିଲ୍ଲାଶାଖାର ସାଧାରଣ ବୈଠକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସଦରମହକୁମାର ଗାନ୍ଧୀଛକସ୍ଥିତ ଲଳିତ ଲିଜେନ୍‌ସି ଠାରେ ନିଖିଳ ଓଡିଶା ଗ୍ରାମରୋଜଗାର ସେବକ ସଂଘ ଜଗତସିଂହପୁର ଜିଲ୍ଲାଶାଖାର ସାଧାରଣ ବୈଠକ ସଭାପତି ପଙ୍କଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ଜିଆରଏସ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସରକାରଙ୍କ ଦ୍ୱାରା ଗ୍ରାମରୋଜଗାର ସେବକ ମାନଙ୍କ ପାଇଁ ପ୍ରଚଳିତ ଥିଲା ୩୦ଶତକଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦୋନ୍ନତିକୁ ସରକାର ଏକତରଫା ଭାବେ ଉଚ୍ଛେଦ କରିଥିବାରୁ ସଂଘତରଫରୁ ଦୃଢ ନିନ୍ଦା କରାଯାଇଥିଲା । ସରକାର ଉକ୍ତ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ନିମନ୍ତେ ଆଜିର ଜିଲ୍ଲା ସଂଘ ବୈଠକରେ ଦୃଢ ଦାବୀ ଉପସ୍ଥାପନା କରାଯିବା ସହିତ ସମସ୍ତ ଗ୍ରାମରୋଜଗାର ସେବକ ମାନଙ୍କୁ ସ୍ଥାୟୀ ନିଯୁକ୍ତ ଦେବା ନିମନ୍ତେ ଦାବୀ କରାଯାଇଥିଲା । ଏହି ବୈଠକରେ ନିଖିଳ ଗ୍ରାମ ରୋଜଗାର ସେବକ ସଂଘର ରାଜ୍ୟ ସଭାପତି ବଦ୍ରୀନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ସଂଘର ସମସ୍ତ ନ୍ୟାର୍ଯ୍ୟ ଦାବୀ ସରକାରଙ୍କ ପାଖରେ ଉପସ୍ଥାପନା କରିବା ପାଇଁ ସ୍ଥିର କରାଯାଇଥିଲା । ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ ଉଦୟନାଥ ଲେଙ୍କା,ସଂଧାମୁଂ ବେହେରା,ସ୍ମୃତିସାଧନା ମହାନ୍ତି,ଅଙ୍ଗୁରବାଳା ମହାନ୍ତି,ସତ୍ୟପ୍ରକାଶ ପଟ୍ଟନାୟକ,ସୁଦର୍ଶନ ସ୍ୱାଇଁ,ସୌମ୍ୟରଂଜନ ମିଶ୍ର,ପପୁଲାଲ ସ୍ୱାଇଁ,ରଶ୍ମୀରଂଜନ ବେହେରା,ସିଦ୍ଧାନ୍ତ ଶଙ୍କର ଜେନା,ବାପି ମହାନ୍ତି,ସ୍ମୃତିରଂଜନ ମହାପାତ୍ର,ରଣଜିତ୍ ମହାପାତ୍ର,ସୁଧାଂଶୁଶେଖର ରାଉତରାୟ,କିଶୋର ବିଶ୍ୱାଳ,ପ୍ରଳୟରଂଜନ ବିଶ୍ୱାଳ,ପ୍ରମୁଖ ଯୋଗଦେଇ ଥିଲେ । ଶେଷରେ ସଂପଦକ ବିଶ୍ୱବିଜୟୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଫୁଲ୍ଲ ପାଠାଗାର ତରଫରୁ...

# ସାରସ୍ୱତ ସାଧକ ହିମାଂଶୁ ଆଚାର୍ଯ୍ୟଙ୍କ ଜନ୍ମଦିନ ଅବସରରେ ଆଲୋଚନାଚକ୍ର




**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପୁରୁଣାଗଡ ଠାରେ ଥିବା ପ୍ରଫୁଲ୍ଲ ପାଠାଗାର ତରଫରୁ ସାରସ୍ୱତ ସାଧକ ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କୁ ଜନ୍ମ ଦିନର ଶୁଭକାମନା କରାଯାଇଛି । ଏହି ଅବସରରେ ଅୟୋଜିତ ସଭାରେ ପ୍ରଫୁଲ୍ଲ ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଏହି ସମାରୋହରେ ପ୍ରଫୁଲ୍ଲ ପାଠାଗାରର ପୂର୍ବତନ ସମ୍ପାଦକ ବିଜୟ କୁମାର ପତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଗୌରଙ୍ଗ ଚରଣ ହୋତା, ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ, କବି ଓ କଥାକାର ସୁକାନ୍ତ କୁମାର ପ୍ରଧାନ,ସମ୍ବାଦ ସାହିତ୍ୟ ଘରର ଉପଦେଷ୍ଟା ଅଲେଖ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଟାଇମ୍ସ ଗରୁକୁଳର ନିର୍ଦ୍ଦେଶିକା ସୁଶ୍ରୀ ଅଞ୍ଜୁସା, ନେହୁରୁ ଯୁବକେନ୍ଦ୍ରର ସଂଯୋଜକ, ପବିତ୍ର ସୁବୁଦ୍ଧି, ଗରାମ ସ୍ଥିତ ସଂକଳ୍ପ ଅନୁଷ୍ଠାନର ଦେବେନ୍ଦ୍ର ନାୟକ, ପ୍ରମୁଖ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିସହିତ 'ଆମେ ଓ ଆମ ମାତୃଭାଷା' ଶୀର୍ଷକ ଆଲୋଚନା ଚକ୍ରରେ ଆଲୋଚନା କରି ମାତୃଭାଷା ଗୋଟିଏ ଜାତିର ପ୍ରକୃତ ପରିଚୟ ବୋଲି କହିଥିଲେ । ଏହି ଅବସରରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ରେ ସ୍ଥାନ ପାଇଥିବା ଡି.ସାଇ. ଶ୍ରେୟାଂସି କୁ 'ବେଦ ଜିଜ୍ଞାସୁ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ସଭାରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବ. ସାରସ୍ୱତ ସାଧକ ଓ ବରିଷ୍ଠ ନାଗରିକ ଯୋଗଦେଇ ଥିଲେ । ଶେଷରେ ସାରସ୍ୱତ ପରିଷଦର ଉପଦେଷ୍ଟା ତଥା ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ଜୟକିଷାନ ସମବାୟ ସମିତିର ପ୍ରତିଷ୍ଠା ଦିବସ




**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଠାରେ ଜୟକିଷାନ ମଲ୍ଟି ପର୍ପୋସ ସମବାୟ ସମିତିର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା । ଏଥିରେ ଚଣ୍ଡୀପ୍ରସାଦ ସିଂହ ସଭାପତିତ୍ୱ କରିଥିଲେ । ସମ୍ପାଦକ ନିମାଇଁ ଚରଣ ମହାନ୍ତି ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ରଘୁନାଥପୁର ଥାନା ଅଧିକାରୀ ଦେବେନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ବକ୍ତାଭାବେ ସୁକାନ୍ତ କୁମାର ପ୍ରଧାନ ଯୋଗଦେଇ ସମବାୟ ସମିତି ମାଧ୍ୟମରେ ମାଧ୍ୟମିକ, କ୍ଷୁଦ୍ର ବ୍ୟବସାୟୀ ମାନେ ଋଣ ନେଇ ସେମାନଙ୍କର ବ୍ୟବସାୟ ଅନୁଷ୍ଠାନ ଚଳାଉଛନ୍ତି ବୋଲି କହିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ପ୍ରଶାସକ ରାଖାଲ ଚନ୍ଦ୍ର ସାମଲ, ରଜତ କୁମାର ବିଶ୍ୱାଳ ଯୋଗଦେଇଥିଲେ । ଅନୁଷ୍ଠାନର ପରାମର୍ଶ ଦାତା ସୁବାସଚନ୍ଦ୍ର ନାୟକ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ନାରାୟଣୀ ଚନ୍ଦ୍ର ଗିରି, ଲକ୍ଷ୍ମଣ କୁମାର ଦାଶ, ମାନସ କୁମାର ସ୍ୱାଇଁ, ଜିତେନ୍ଦ୍ର ପ୍ରଧାନ, ବଳରାମ ସେଠୀ, ଶର୍ମିତା ମହାନ୍ତି, ପ୍ରିୟଦର୍ଶନୀ ନାୟକ, ରାକେଶ ରଂଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ନୃସିଂହ କୁମାର ଦାଶ ଧନ୍ୟବାଦ ଦେଇଥିଲେ ।

# ସୁବର୍ଣ୍ଣପୁର ଡିଭିଜନ ଗସ୍ତ କଲେ ଓଏଲ୍‌ଆଇସି ଅଧ୍ୟକ୍ଷ ଅମରେଶ ପତ୍ରୀ





**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଶ୍ରୀ ଅମରେଶ ପତ୍ରୀ ଆଜି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରି ସ୍ଥାନୀୟ ସର୍କିଟ ହାଉସଠାରେ ଏକ ବୈଠକରେ ସମୀକ୍ଷାରେ ଯୋଗଦେଇ ସୁବର୍ଣ୍ଣପୁର ଓ.ଏଲ୍.ଆଇ.ସି ଡିଭିଜନରେ କାର୍ଯ୍ୟକାରୀ ହେଉଥିବା ଉଠା ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଓ ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ । ରାଜ୍ୟ ସରକାରଙ୍କ ୫-ଟି ଆଭିମୁଖ୍ୟ ଆଧାରରେ ନିର୍ମାଣାଧିନ ସମସ୍ତ ଉଠାଜଳସେଚନ ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶୀଘ୍ର ସଂପୂର୍ଣ୍ଣ କରିବା, ମରାମତି ଆବଶ୍ୟକ କରୁଥିବା ପ୍ରକଳ୍ପକୁ ଯାଂଚ କରି ସେସବୁକୁ ପୁନଃ ସଚଳ କରିବା ପାଇଁ ଆବଶ୍ୟକତା ଅନୁସାରେ ତ୍ୱରିତ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଅଧ୍ୟକ୍ଷ ଶ୍ରୀ ପତ୍ରୀ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ କୃଷିର ଉନ୍ନତି ଓ କୃଷକମାନଙ୍କ କଲ୍ୟାଣ ପାଇଁ ଚାଷ ଜମିକୁ ଜଳସେଚନ ଯୋଗାଇଦେବା ପାଇଁ ଉଠା ଜଳସେଚନ ନିଗମଠାରୁ ଯେଉଁ ଆଶା ରଖିଛନ୍ତି ତାହାକୁ ଗୁରୁତ୍ୱ ଦେଇ ଡିଭିଜନରେ କାର୍ଯ୍ୟକରୁଥିବା ସମସ୍ତ ଯନ୍ତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ସୁଚାରୁରୂପେ ସଂପାଦନ କରିବେ ବୋଲି ଶ୍ରୀ ପତ୍ରୀ ଆଶା ପ୍ରକାଶ କରିଥିଲେ ।

ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ସୁବର୍ଣ୍ଣପୁର ନିର୍ବାଚନ ମଣ୍ଡଳୀ ବିଧାୟକଙ୍କ ପ୍ରତିନିଧି ରଂଜିତ୍ କୁମାର ରଥଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଉଠା ଜଳସେଚନ ନିଗମ ଅଧିକ୍ଷଣ ଯନ୍ତ୍ରୀ ଦିଲ୍ଲୀପ କୁମାର ଦାଶ, ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିରିଶ ଚନ୍ଦ୍ର ମୁଣ୍ଡା, ସହକାରୀ ଯନ୍ତ୍ରୀ ରାଜକିଶୋର ପାତ୍ରୀ, କନିଷ୍ଠ ଯନ୍ତ୍ରୀ ସୁରଜ ମେହେର, ବିକାଶ ରମଣ ପ୍ରତାପରାୟ, ଦିଲ୍ଲୀପ କୁମାର କର ପ୍ରମୁଖ ଯୋଗଦେଇ ଥିଲେ । ପରେ ପରେ ଓ.ଏଲ୍.ଆଇ.ସି. ଅଧ୍ୟକ୍ଷ ଶ୍ରୀ ପତ୍ରୀ ସୁବର୍ଣ୍ଣପୁର ବ୍ଲକର ଗୋବିନ୍ଦପୁର ସ୍ଥିତ ଗଭୀର କୂପ ପ୍ରକଳ୍ପ, ଛତାପିପଳ-୨ ନଦୀ ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ ।

# ଏକାମ୍ର ହାଟରେ ହସ୍ତଶିଳ୍ପ ବିକ୍ରୟର ଆୟୋଜନ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶାରେ ଥିବା ଅର୍ବାନ୍ ହାଟ ଗୁଡିକର ପରିଚାଳନା ଦାୟିତ୍ୱ ନେବା ପରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଓଡ଼ିଶା ଦ୍ୱାରା ଭୁବନେଶ୍ୱର, ୟୁନିଟ୍-୩ ସ୍ଥିତ ଏକାମ୍ର ହାଟରେ ପୁନରାରମ୍ଭ କରାଯାଇଅଛି । ଓଡ଼ିଶାର ହସ୍ତଶିଳ୍ପ ବୁଣାକାରମାନଙ୍କୁ ସେମାନଙ୍କ ଉତ୍ପାଦିତ ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ନିମନ୍ତେ ବଜାର ସୃଷ୍ଟି କରିବା ଏକାମ୍ର ହାଟର ମୁଖ୍ୟ ଉଦ୍ଦେଶ୍ୟ ।

ହସ୍ତଶିଳ୍ପ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବିକ୍ରୟ ପାଇଁ ଗତ ୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜକ ଉତ୍କଳିକା ଦ୍ୱାରା ୪୪ ଗୋଟି ଷ୍ଟଲର ବ୍ୟବସ୍ଥା କରାଯାଇଅଛି । ଏହିଠାରେ ୧୮ଗୋଟି ଜିଲ୍ଲାରୁ ୬୨ ଜଣ ହସ୍ତଶିଳ୍ପ କାରିଗର ଅଂଶଗ୍ରହଣ କରିଛନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ୨୨ ପ୍ରକାରର ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନ କରାଯାଇଅଛି । ଯଥା ପଟ୍ଟଚିତ୍ର, ଚାନ୍ଦୁଆ କାର୍ଯ୍ୟ, ସବାଇ ଘାସ ନିର୍ମିତ ଗୃହୋପକରଣ, ସିଂଘ କଳାକୃତି ଇତ୍ୟାଦି । ପରିଦର୍ଶକମାନେ ଏକାମ୍ର ହାଟରେ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ଉତ୍ପାଦିତ ହସ୍ତଶିଳ୍ପ ଗୁଡିକର ପ୍ରତ୍ୟକ୍ଷ ଭାବେ ଦେଖିବା ଓ କିଣିବା ସୁଯୋଗ ପାଇ ପାରିବେ । ପରିଦର୍ଶମାନଙ୍କ ସୁବିଧା ନିମନ୍ତେ ଏକାମ୍ର ହାଟ ପରିସରରେ ସମ୍ମିଳନୀ କକ୍ଷ, ଏଟିଏମ୍ ପାର୍କିଂ ସ୍ଥଳ ଓ କିଓସ୍କ ସୁବିଧା ଉପଲବ୍ଧ କରାଯାଇଅଛି । ଏତତ୍ ବ୍ୟତୀତ ଉତ୍କଳିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ବୟନିକାର ସ୍ୱତନ୍ତ୍ର ଷ୍ଟଲର ବ୍ୟବସ୍ଥା ହୋଇଅଛି ।

ଏକାମ୍ର ହାଟର ଖୋଲିବା ସମୟ- ସକାଳ ୧୦ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ବ୍ୟବସ୍ଥା ଅଛି । ପ୍ରଥମ ସପ୍ତାହରେ ଆନୁମାନିକ ୧୦ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି । ଏହା ଦ୍ୱାରା ରାଜ୍ୟର ହସ୍ତଶିଳ୍ପୀ କାରିଗରମାନେ ବିଶେଷ ଲାଭାନ୍ୱିତ ହୋଇପାରିଛନ୍ତି ।

# ରଘୁନାଥପୁରରେ ସ୍ୱ ବିଷ୍ଣୁଙ୍କ ୭୦ତମ ଜୟନ୍ତୀ ପାଳିତ



**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକ ବିଜୁଜନତା ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କର ୭୦ତମ ଜୟନ୍ତୀ ଆଜି ମହାସମାରୋହରେ ପାଳିତ ହୋଇଥିଲା । ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ୧ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ବିଜେଡିକର୍ମୀ ମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ଜଗନ୍ନାଥପୁର ବଜାରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସ ଓ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ନେତାମାନେ କ୍ଷୀରଢାଳିବା ପରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କର ପ୍ରତିମୂର୍ତ୍ତିରେ ତାଙ୍କର ସମର୍ଥକ ଓ ନେତା ଓ କର୍ମୀମାନେ କ୍ଷୀରଢାଳି ମାଲ୍ୟାର୍ପଣ କରିଥିଲେ । ଏଥି ଉପଲକ୍ଷେ ରଘୁନାଥପୁର ମେଡିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ବିଷ୍ଣୁ ଦାସଙ୍କର ଜୟନ୍ତୀ ଉପଲକ୍ଷେ ବିଜେଡିନେତା ଦିବାକର ଖଟୁଆ କର୍ମୀମାନଙ୍କୁ ପୋଷାକ ବଂଟନ କରିଥିଲେ । ଏଥି ଉପଲକ୍ଷେ ଅନୁଷ୍ଠିତ ଜୟନ୍ତୀ ସଭାରେ ଜଗତସିଂହପୁର ଜିଲ୍ଲା ବିଜେଡି ଉପସଭାପତି ସରୋଜକାନ୍ତ ସ୍ୱାଇଁ, ମୋପରିବାର ସଂଯୋଜକ ଡ.ସୁରେନ୍ଦ୍ର ମହାପାତ୍ର, ସାଂସଦ ପ୍ରତିନିଧୀ ଗୌତମ ପାଳିତ, ବିଜେଡିନେତା ବିଜନ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ସ୍ୱପ୍ନସରିତା ବଳ, ନାରୀନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ଲିଲିପ୍ତା ପଣ୍ଡା, ଛବିରାଣୀ ମହାପାତ୍ର, ବିନିକା ଜେନା, ଶେଫାଳି ତା, ଅହଲ୍ୟା ସାମଲ, କୃଷ୍ଣପ୍ରିୟା ବିଶ୍ୱାଳ, ନିହାରୀକା ମହାନ୍ତି, ଜ୍ୟୋସ୍ନାରାଣୀ ପଟ୍ଟନାୟକ, ଆଇନଜୀବି ଦେବେନ୍ଦ୍ର ସ୍ୱାଇଁ, ସରପଂଚ ସରୋଜ କୁମାର ଦାସ, ଖୋକନ ରାୟ, ପ୍ରଭୁଦତ ମହାନ୍ତି, କଲ୍ଲିମ ଉଦ୍ଦିନ ଖାଁ, ଶ୍ରୀନିବାସ ନାୟକ, ସରପଂଚ ଶେଷଦେବ ସେଠୀ, ସରପଂଚ ବିଜୟ ସ୍ୱାଇଁ, ସରପଂଚ ଶୁଭ୍ରାନ୍ତ ସ୍ୱାଇଁ, ସରପଂଚ ଜାନକୀ ବଲ୍ଲଭ ସ୍ୱାଇଁ, ଜିଲ୍ଲା ବିଜେଡି ସଂପାଦକ ମାନସ ଦାସ, ରବିନ୍ଦ୍ରନାଥ ସ୍ୱାଇଁ, ଅନ୍ତର୍ଯ୍ୟାମୀ ରାଉତ, ଇନ୍ଦୁଭୂଷଣ ଲେଙ୍କା, ଚନ୍ଦ୍ରକାନ୍ତ ପଣ୍ଡା, ସମିତିସଭ୍ୟ ସରୋଜ କୁମାର ଦାଶ, କେଦାରନାଥ ସାହୁ, ନିରଂଜନ ଦାସ, ଶିବରାମ ସାହୁ, ସମିତିସଭ୍ୟ ବିଦ୍ୟାଧର ମହାନ୍ତି, ମିଟୁ ସାହୁ ପ୍ରମୁଖ ଯୋଗଦେଇ ବିଷ୍ଣୁ ଦାସ ଜଗତସିଂହପୁର ଜିଲ୍ଲାର ପ୍ରତିଷ୍ଠାତା ଥିଲେ ଓ ଗରିବ ଖଟିକିଆ ମେହେନତ ମଣିଷର ନେତା ଥିଲେ ବୋଲି କହିଥିଲେ ।

# ଜଗତସିଂହପୁର ମେଡିକାଲ୍‌ରେ ବିଶ୍ୱ ନିମୋନିଆ ଦିବସ ପାଳିତ




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ବିଶ୍ୱ ନିମୋନିଆ ଦିବସ ପାଳନ ଅବସରରେ ପାଞ୍ଚବର୍ଷର ଶିଶୁଙ୍କୁ ନିମୋନିଆରୁ ରକ୍ଷା ନିମନ୍ତେ ଏକ କ୍ୟାନୋପି ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ.ବସନ୍ତ କୁମାର ବାରିକ,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର )ଡଃ. ପ୍ରମୋଦ କୁମାର ବାରିକ,ଡିପିଏମ ଚକ୍ରଧର ଜେନା,ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡେପୁଟୀ ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ,ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସଚଳା ମହାନ୍ତି,ଆସିଷ୍ଟାଣ୍ଟ ମ୍ୟାନେଜର ମମତା ଦାଶ,ପ୍ରମୁଖ ଉପସ୍ଥିତ ରହି ନିମୋନିଆର ଲକ୍ଷଣ ,ଫୁସ୍ ଫୁସ୍ ରେ ସଂକ୍ରମଣକୁ ନିମୋନିଆ କୁହାଯାଏ ଏବଂ ନିମୋନିଆ ଏକ ଗୁରୁତର ରୋଗ ଅଟେ ଆଦି ସଂପର୍କରେ ଆଲୋଚନା କରିଥିଲେ । ୫ବର୍ଷରୁ କମ୍ ଶିଶୁଙ୍କ ଭିତରେ କାଶ ଓ ଥଣ୍ଡା ବଢିବା,ଦ୍ରୁତଗତିରେ ନିଶ୍ୱାସ ପ୍ରଶ୍ୱାସ ନେବା,ନିଶ୍ୱାସ ପ୍ରଶ୍ୱାସ ନେବା ବେଳେ ଛାତିତଳ ଭିତରକୁ ପଶିଯିବା ,ଅତ୍ୟଧିକ ଜ୍ୱର ହେବା ,ଖାଇବା ପିଇବା ନକରିବା,ବାତ ମାରିବା ପରି ଲକ୍ଷଣ ,ନିସ୍ତେଜ କିମ୍ବା ଅତ୍ୟଧିକ ଶୋଇ ରହିବା ଆଦି ନିମୋନିଆର ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବାକୁ ଆଲୋକପାତ କରିଥିଲେ । ଏହି ନିମୋନିଆ କାର୍ଯ୍ୟକ୍ରମ ଚଳିତବର୍ଷ ୧୨ନଭେମ୍ବର ୨୦୨୧ରୁ ୨୮ ଫେବୃୟାରୀ ୨୦୨୨ ପର୍ଯ୍ୟନ୍ତ ଚାଲିବ । ଏଥିରେ ଆଶାକର୍ମୀ ମାନେ ପ୍ରତ୍ୟେକ ଘରକୁ ଘର ଯାଇ ସେମାନେ ପ୍ରତ୍ୟେକ ୫ବର୍ଷରୁ କମ୍ ବୟସ୍କ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ଫର୍ମ ପୁରଣ କରିବେ । ଲକ୍ଷଣ ଜାଣି ସେମାନେ ଡାକ୍ତରଖାନାକୁ ପଠାଇଲେ ଡାକ୍ତରଖାନାରେ ବୟସ ଅନୁଯାୟୀ ଚିକିତ୍ସା କରାଯିବ । ସକାଳ ୧୧ଘଟିକାରେ ବିଶ୍ୱ ନିମୋନିଆ ଦିବସରେ ରାଜ୍ୟ ସ୍ତରରୁ ନିର୍ଦ୍ଦେଶକ ପରିବାର କଲ୍ୟାଣ ବିଭାଗ ଏବଂ ସମସ୍ତ ଅଧିକାରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ ଜିଲ୍ଲା ସମସ୍ତ ବ୍ଲକ ଏବଂ ସମସ୍ତ ସେବା ପ୍ରଦାନକାରୀ ମାନଙ୍କ ଉଦ୍ଦେଶ୍ୟରେ ସଠିକ୍ ଭାବରେ ଶିଶୁ ଅବସ୍ଥାରେ ସଂପୂର୍ଣ୍ଣ ନିମୋନିଆ ପରିଚାଳନା ବିଷୟରେ ଆଲୋଚନା କରିଥିଲେ ।


# ଝିଙ୍କରଡିହ ମା'ଖଣ୍ଡୁଆଳୀଙ୍କ ଜଗଦ୍ଧାତ୍ରୀ ପୂଜା



**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ବ୍ଲକ ଅଧିନସ୍ଥ ଝିଙ୍କରଡିହ ଶାସନ ସ୍ଥିତ ମା ଖଣ୍ଡୁଆଳୀଙ୍କ ଦଶମବାର୍ଷିକ ଜଗଦ୍ଧାତ୍ରୀ ପୂଜା ୩ଦିନ ଧରିମ୍ହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରିତିନିତୀ ଅନୁଯାୟୀ ଜଳଯାତ୍ରା,ମହାସପ୍ତମୀ ପୂଜା, ଅଗ୍ନୀସ୍ଥାପନ, ମହାଷ୍ଟମୀ ପୂଜା, ଚଣ୍ଡୀ,ବ୍ରତ ପୂଜା,ମହାନବମୀ ପୂଜା, ଚଣ୍ଡୀପୂଜା,ପୂର୍ଣ୍ଣାହୁତୀ ଚରୁସେବନ ,ଭଜନ ସଂନ୍ଧ୍ୟା ଓ ପ୍ରସାଦ ସେବନ ଶେଷ ହୋଇଅଛି । ଏହି ଦଶମ ବାର୍ଷିକ ପୂଜା କାର୍ଯ୍ୟକ୍ରମରେ ପୂଜକ ଭାବେ ଗଣେଷ ଶତପଥି,ସନାତନ ତ୍ରିପାଠୀ,ନିରଞ୍ଜନ ପତି,ପୂଜାକାର୍ଯ୍ୟ ସଂପାଦନ କରିଥିଲେ । କର୍ତ୍ତା ଓ କର୍ତ୍ତୀ ଭାବେ ଗାୟକ ବାଣୀକଣ୍ଠ ବନମାଳୀ ପତି ଏବଂ ଜାନକୀ ପତି ମହାନ କାର୍ଯ୍ୟରେ ଯୋଗଦାନ କରିଥିଲେ । ପ୍ରତ୍ୟେହ ଦିନ ମଙ୍ଗଳ ଆଳତୀ,ବିଭିନ୍ନ ବେଶ ଓ ପରିଚାଳନାରେ ବିଚିତ୍ରା ନନ୍ଦ ପତିଏବଂ ତାଙ୍କର ସାଥୀ ଗ୍ରୁପର ସମସ୍ତ ସହଯୋଗୀ ସହଯୋଗ କରିଥିଲେ । ମୁଖ୍ୟ ଆୟୋଜକ ଓ ପରିଚାଳକ ଭାବେ ଅନିରୁଦ୍ଧ ପତିଙ୍କ ସ୍ଥାନ ସର୍ବତନ୍ତ୍ର । ଏହି ୩ଦିନ କାର୍ଯ୍ୟକ୍ରମକୁ ଅତି ଶୃଙ୍ଖଳ ଓ ନୀତିନିୟମ ସହ ୧୦ବର୍ଷ ଧରି ଏହି ଜଗଦ୍ଧାତ୍ରୀ ପୂଜା ଅନୁଷ୍ଠିତ ହୋଇଆସୁଅଛି । ଏଥିପାଇଁ ଗ୍ରାମବାସୀ ଓ ଶୁଭେଚ୍ଛୁ କବି ଓ କଥାକାର ସୁକାନ୍ତ କୁମାର ପ୍ରଧାନ ଏବଂ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତ ସମସ୍ତଙ୍କୁ ପ୍ରେରଣା ଦେଇଥାଏ ।

# ଜଗତସିଂହପୁରରେ ୭୦ତମ ଗୋସମ୍ବର୍ଦ୍ଧନା ଉତ୍ସବ-୨୦୨୧

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ପ୍ରାଣୀସଂପଦ ବିଭାଗ ପକ୍ଷରୁ ଆଳିପିଙ୍ଗଳ ଠାରେ ଜିଲ୍ଲା ସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ-୨୦୨୧ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ ଡା.ବୀରକିଶୋର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି,ସମ୍ମାନୀତ ଅତିଥିଭାବେ ଜିଲ୍ଲାପାଳ ପାରୁଲ ପଟାୱରୀ,ଜିଲ୍ଲାପରିଷଦ ଅଧକ୍ଷା ପ୍ରିୟଦର୍ଶନୀ ବିଶ୍ୱାଳ,ସାଂସଦଙ୍କ ପ୍ରତିନିଧି କାଳନ୍ଦି ପତି,ଜଗତସିଂହପୁର ପଞ୍ଚାୟତ ସମିତି ଅଧକ୍ଷା ବିଜୟଲକ୍ଷ୍ମୀ ବେହେରା ,ଆମ୍ଭାର ଅଧକ୍ଷ ବାବୁଲି ସାହୁ ଯୋଗଦେଇ ଗୋମାତା ଙ୍କର ମାହାତ୍ମ୍ୟ ଓ ବୈଶିଷ୍ଟତା ସଂପର୍କରେ ଆଲୋଚନା କରିବା ସହିତ ଉନ୍ନତ ଗୋପାଳନ କରାଗଲେ ଚାଷୀ ମାନେ କିପରି ଅଧିକରୁ ଅଧିକ ଲାଭବାନ ହୋଇପାରିବେ ସେ ସଂପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ୫୦ରୁ ଉର୍ଦ୍ଧ୍ୱ ଗାଇ ଓ ବାଛୁରୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟ ପ୍ରଥମ,ଦ୍ୱୀତିୟ ଓ ତୃତୀୟ ଭାବେ ବଛାଯାଇ ଗୋପାଳକଙ୍କୁ ପୁରସ୍କୃତ କରାଯାଇଥିଲେ । ଏପରିକି ସମସ୍ତ ଗାଇର ମାଲିକମାନଙ୍କୁ ସାନ୍ତନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଚନ୍ଦପୁର ପ୍ରାଣୀଚିକିତ୍ସା ଅଧିକାରୀ ଡା.ଅନ୍ନଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮




| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ନକଲି ବିଦେଶୀ ମଦରେ କଲିକତା ରଙ୍ଗ

**କଟକ(ସଂପର୍କବାର୍ତ୍ତା):-** କରୋନା ପରେ ପରେ କଟକ ଜିଲ୍ଲାକୁ ପ୍ରଥମ ଥର ପାଇଁ ପଶି ଆସିଛି ନକଲି ବିଦେଶୀ ମଦ। ବହୁ ପୂର୍ବରୁ ନକଲି ଦେଶୀ ମଦ ଫ୍ୟାକ୍ଟ୍ରି ପାଇଁ ବଦନାମ ଥିବା ଆଠଗଡ ଓ ବାଙ୍କୀ ପରେ ନକଲି ବିଦେଶୀ ମଦ କାରବାର କଟକ ଜିଲ୍ଲାରେ ମାତ୍ର ୫ମାସ ଭିତରେ ମାଡି ଗଲାଣି । ନୟାଗଡରୁ ଆମଦାନୀ ହେଉଥିବା ନକଲି ବିଦେଶୀ ମଦ ନୟାଗଡ ଜିଲ୍ଲା ସିଦ୍ଧମୂଳ ବ୍ରିଜ ଦେଇ କଟକ ଜିଲ୍ଲା କାନପୁର ପାଇକ ବାରବାଟୀ ରାସ୍ତାରେ ଜିଲ୍ଲାକୁ ପ୍ରବେଶ କରୁଛି । ସେଠୁ ନରସିଂହପୁର , ବଡମ୍ବା ,ତିଗିରିଆ ଓ ସହରକୁ ଚାଲାଣ ହେଉଛି । ସେହିଭଳି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରୁ ଆମଦାନୀ ନକଲି ବିଦେଶୀ ମଦ ନରସିଂହପୁର ଦେଇ ଜିଲ୍ଲାକୁ ପ୍ରବେଶ କରୁଛି ।ଢେଙ୍କାନାଳର ଖୁଣ୍ଟୁଣିରୁ ଚୌଦ୍ୱାରକୁ ବି ଚାଲାଣ ହେଉଛି । ସାଧାରଣତଃ ନିର୍ଦ୍ଦିଷ୍ଟ ୪ଟି ବ୍ରାଣ୍ଡର ବିଦେଶୀ ମଦ ଲିଟର୍ ପିଛା ୫୦୦ ଟଙ୍କାରେ ବଜାରରେ ବିକ୍ରି ହେଉଥିବା ବେଳେ ଚୋରା ମଦ ମାତ୍ର ୨୫୦ ଟଙ୍କାରେ ବିକ୍ରି କରାଯାଉଥିବା ଭଳି ଚାଂଚଲ୍ୟକର ତଥ୍ୟ ଏବେ ଜିଲ୍ଲା ପ୍ରଶାସନକୁ ଅଡୁଆରେ ପକାଇଛି ।ଅଧା ଦାମରେ ବିଦେଶୀ ମଦ ମିଳୁଥିବାରୁ ଲୋଭରେ ପଡି ଏହାକୁ ଲୋକେ ପିଉଥିବାରୁ ଯେ କୌଣସି ମୁହୂର୍ତ୍ତରେ ଅଘଟଣା ଘଟିବାର ଆଶଙ୍କା ଦେଖାଦେଇଛି ।ସୂଚନା ଅନୁଯାୟୀ ,ନୟାଗଡ ଓ ଢେଙ୍କାନାଳ ବାଦ ଆଉ କିଛି ବିଦେଶୀ ମଦ କାନପୁରରେ ବି ପ୍ରସ୍ତୁତ ହେଉଥିବା କୁହାଯାଉଛି । ନକଲି ବିଦେଶୀ ମଦରେ କଲିକତା ବଡ ବଜାରରୁ ଆସୁଥିବା କାରାମେଲ(ରଙ୍ଗ) ମିଶାଯାଉଛି । ମଦ ବୋତଲରେ ଲାଗୁଥିବା ଲେବଲ୍ ,ଠିପି , ଏସେନ୍ସ, ଏକ୍ସା ନ୍ୟୁଟ୍ରିଆଲ୍ ଆଲକହଲ ବି ବଡ ବଜାରରୁ ଆସୁଛି । ଏଥିରେ ସାଦା ପାଣି ମିଶି ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଛି । ମଙ୍ଗୁଳି, ଚୌଦ୍ୱାରା, ଜଗତପୁର ଅଂଚଳରେ କବାଡିଆ ଦୋକାନରୁ ମଦ ବୋତଲ କିଣାଯାଉଛି ।ନିର୍ଦ୍ଦିଷ୍ଟ ଭାବେ ମ୍ୟାଗଡଲ୍ ହୁଇସ୍କି, ମ୍ୟାଗଡଲ୍ ରମ୍,ଅଫିସରସ୍ ଚଏସ୍(ଓସି)ବ୍ଲୁ, ରୟାଲ୍ ଷ୍ଟାଗ୍ ନାଁରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଛି ।ବିଦେଶୀ ମଦରକାରବର କଟକ ଜିଲ୍ଲାରେ ପ୍ରଥମେ କାନପୁର ଥାନା ଅନ୍ତର୍ଗତ ପାଇକ ବାରବାଟୀ ଅଂଚଳରେ ଠାବ ହୋଇଥିଲା ଏହି ଅଂଚଳରେ ବିଦେଶୀ ମଦର କୁଟୀର ଶିଳ୍ପ କାରବାର ପର୍ଦ୍ଦାଫାସ କରିଥିଲା ଜିଲ୍ଲା ଅବକାରୀ ବିଭାଗ ।୨୦୨୧ ଜୁନ ୨୭ରେ ନୟାଗଡ –କଟକ ସୀମା ପାଇକ ବାରବାଟୀରେ ଏକ ଜଂଗଲିଆ ଅଂଚଳରେ ଚାଲିଥିବା ନକଲି ବିଦେଶୀ ମଦ କାରବାର ମାମଲାରେ କାର୍ପଟଦାର ବିଭୁତି ଭୁଷଣ ବିଶ୍ୱାଳ ଓ ସହଯୋଗୀ ବଡମ୍ବାର ମନୋଜ ରାଉତକୁ ଗିରଫ କରାଯାଇଥିଲା ଏମାନେ ହଟିଆପଲ୍ଲୀ ଖେଳ ପଡିଆ ନିକଟରେ ୩ ଲକ୍ଷ ଟଙ୍କା ନକଲି ବିଦେଶୀ ମଦ ଲୁଚାଇ ରଖିଥିଲେ । ବିଭୂତି ଅକ୍ଟୋବରରେ ଜାମିନରେ ଆସି ପୁଣି କାନପୁର ଅଂଚଳରେ ନକଲି ବିଦେଶୀ ମଦ କାରବାର ଚଳାଇଥିବା ଅବକାରୀ ବିଭାଗ ଖବର ପାଇଛି ।ଗଲା ୧୦ ତାରିଖରେ ନୂଆପଡା ଓଭର ବ୍ରିଜ ନିକଟରେ କେନ୍ଦ୍ରାଂଚଳ ଅବକାରୀ ବିଭାଗର ଦ୍ୱିତୀୟ ଚଢଉରେ ଆଠଗଡର ଦୁଇ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ୬୦ ହଜାର ଟଙ୍କାର ଜବତ ହୋଇଥିଲା ଦୁଇଟି ମାମଲାର ମୋଟ ୩ଲକ୍ଷ ୬୦ ହାଜର ଟଙ୍କାର ମଦ ଜବତ ହୋଇଥିଲା ପୂର୍ବରୁ ଢେଙ୍କାନାଳ ସୀମାକୁ ଲାଗିଥିବା ଆଠଗଡର କୋଇଗାଁ ଓ ଭିରୁଡାରେ ଗାଁ ଓ ଭିରୁଡାରେ ଗାଁ ନିକଟ ଜଂଗଲ, ଡାଳୁଆ ଜଂଗଲ, ଛେନା ଖିଆ ନୂଆଗାଁ, ସଠିଲୋ ବାସୁଦେବପୁର , ଗୁରୁଡିଝାଟିଆର ଶାନ୍ତାଣିବାଟି, ଖୁଣ୍ଟଣୀର ମହାଲକ୍ଷ୍ମୀପୁର , ବଙ୍କୀ ମୁକୁନ୍ଦପୁର ,ଜାମୁଣ୍ଡାଜଂଗର,ଦେଶୀ ମଦ ଫ୍ୟାକ୍ଟ୍ରି ବସିଥିବା କୁହାଯାଉଛି ।୨୦୨୦ରେ କେବଳ କୋରଗାଁରେ ଜିଲ୍ଲା ଅବକାରୀ ବିଭାଗ ୩୦ଲକ୍ଷ ଟଙ୍କାର ଦେଶୀ ରନ୍ଧା ମଦ ଓ ପୋଚ ଜବତ କରିଥିଲା ୧୪ଟିଦେଶୀ ମଦ ଫ୍ୟାକ୍ଟ୍ରି ବି ଭଙ୍ଗାଯାଇଥିଲା କିନ୍ତୁ ବର୍ଷକ ପରେ ପୂର୍ବ ସ୍ଥିତି ଫେରିଛି ।କରୋନା ସମୟରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ବନ୍ଦ ପରେ ବିଦେଶୀ ମଦର ନକଲି ନକଲି କାରବାର ସକ୍ରିୟ ହୋଇଥିବା କୁହାଯାଉଛି । ମଦ ମାଫିଆମାନେ ବିଦେଶୀ ମଦକୁ ହୋମ୍ ଡେଲିଭରି ବି କରୁଛନ୍ତି । ଆଠଗଡ, ବଡମ୍ବା , ମଙ୍ଗୁଳି – ଟାଙ୍ଗୀ, ଫୁଲନଖରା ଆଖପାଖରେ ଥିବା ଢାବାରେ ଏହି ନକଲି ମଦ ବିକ୍ରି କରାଯାଉଥିବା ଅବକାରୀ ବିଭାଗ ଗୁଇନ୍ଦା ତଥ୍ୟ ହସ୍ତଗତ କରିଛି । ତେଣୁ ଜାତୀୟ ରାଜପଥରେ ଫୁଲନଖରାରୁ ଟାଙ୍ଗୀ ଯାଏ ରାସ୍ତା ପାର୍ଶ୍ୱରେ ଥିବା ଢାବାକୁ ସ୍କାନଗରରେ ରଖାଯାଇଛି । ନକଲି ବିଦେଶୀ ମଦ କାରବାର ଯେଭଳି ବିପୁଳ ମାତ୍ରାରେ ବୃଦ୍ଧି ପାଇଛି ।ଏହାକୁ ସେବନ କଲେ ଜଣେ ବ୍ୟକ୍ତି ଦୃଷ୍ଟି ଶକ୍ତି ହରାଇବା ସହିତ ଯକୃତ ନଷ୍ଟହେବାର ଯଥେଷ୍ଟ ଆଶଙ୍କା ଥିବା କୁହାଯାଉଛି ।

## ସତର୍କ ରୁହ ମଦୁଆ



# କଏଦୀଙ୍କ ମଧ୍ୟରେ ହଣାକଟା, ୬୮ମୃତ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଇକ୍ୱାଡୋର୍ ର ସବୁଠାରୁ ବଡ ଜେଲ୍ ଭିତରେ ଶନିବାର ଦିନ ଭୟଙ୍କର ହଂସାକାଣ୍ଡ ଦେଖିବାକୁ ମିଳିଛି ।କଏଦୀ-କଏଦୀଙ୍କ ମଧ୍ୟରେ ହଣାକଟା ପରିସ୍ଥିତି ସୃଷ୍ଟିହୋଇଛି ।ତେବେ ଏହି ରକ୍ତାକ୍ତ ହିଂସାକାଣ୍ଡରେ ୬୮ ଜଣ କଏଦୀଙ୍କ ମୃତ୍ୟୁ ହୋଇଯାଇଛି ।ତଟବର୍ତ୍ତୀ ସହର ଗ୍ୱାୟାକିଲରେ ଜେଲ ପାଖରେ ରହୁଥିବା ଲୋକମାନେ ଘଣ୍ଟା ଘଣ୍ଟା ଧରି ଲଗାତର ଭାବରେ ଗୁଳି ଫୁଟିବାର ଶବ୍ଦ ଶୁଣିବାକୁ ପାଇଥିଲେ। ଖାଲି ସେତିକି ନୁହେଁ ଜେଲ ଭିତରୁ ବିସ୍ଫୋରଣର ଶବ୍ଦ ମଧ୍ୟ ଶୁଣିବାକୁ ମିଳିଥିଲା ପୋଲିସ୍ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ, ଏହି ଘଟଣାରେ ଅନେକ ସଂଖ୍ୟାରେ କଏଦୀ ଆହତ ହୋଇଛନ୍ତି ।ସୁରକ୍ଷାବାହିନୀ ମାନେ ବିପୁଳ ପରିମାଣରେ ଜେଲ ଭିତରୁ ବିସ୍ଫୋରକ ସାମଗ୍ରୀ ଓ ବନ୍ଧୁକ ଜବତ କରିଛନ୍ତି ।ତେବେ ଏହି ଭୟଙ୍କର ଘଟଣାର କିଛି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି ।ସେଥିରେ ଦେଖିବାକୁ ମିଳିଛି ଯେ, କିଛି ଶବ ଜଳିଯାଇଛି ଓ କିଛି ଭୂମି ଉପରେ ପଡିଛି ।ମୋଟ ୬୮ ଜଣ ମୃତ୍ୟୁବରଣ କରିଛନ୍ତି । ବାସ୍ତବରେ , ଅକ୍ଟୋବର ମାସରେ ରାଷ୍ଟ୍ରପତି ଗୁଇଲେର୍ମୋ ଲାସୋଙ୍କ ଦ୍ୱାରା ଏକ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣ କରାଯାଇଥିଲା , ଯାହା ସୁରକ୍ଷା ବାହିନୀକୁ ଡ୍ରଗ୍ କାରବାର ତଥା ଅନ୍ୟାନ୍ୟ ଅପରାଧ ସହ ଲଢିବା ପାଇଁ କ୍ଷମତା ପ୍ରଦାନ କରିଥିଲେ ।ଏହି ଘଟଣା ପରେ ବହୁ ସଂଖ୍ୟାରେ ଅଭିଯୁକ୍ତ ମାନେ ଗିରଫ ହୋଇ ଜେଲ ଯାଇଥିଲେ । ଏହି ହିଂସାତ୍ମକ ଘଟଣା ପଛରେ ଆନ୍ତର୍ଜାତୀୟ ଡ୍ରଗ୍ ଗ୍ୟାଙ୍ଗ ସହ ଜଡିତ ଲୋକଙ୍କୁ ଦାୟୀ କରାଯାଇଛି । ଚଳିତ ବର୍ଷ ଏପର୍ଯ୍ୟନ୍ତ ଇକ୍ୟୁଏଡର କାରାଗାରରେ ୨୩୦ ଜଣଙ୍କର ମୃତ୍ୟୁ ଘଟିଛି ।

# ଶ୍ରୀମନ୍ଦିରରୁ ସୁନା ଚୋରଣି ଗିରଫ



**ପୁରୀ(ସଂପର୍କବାର୍ତ୍ତା):-** ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ବେକରୁ ସୁନା ଚେନ୍ କାଟିନେବା ଅଭିଯୋଗରେ ସିଂହାଦ୍ୱାରା ଥାନା ପୁଲିସ ଜଣେ ମହିଳାକୁ ଗିରଫ କରିଛି ।ଏହି ମହିଳା ନିକଟରୁ ପୁଲିସ ତିନଜିଟି ସୁନା ଚେନ୍ ଓ ଗୋଟିଏ ମଙ୍ଗଳସୂତ୍ର ଜବତ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଥାନା ଅନ୍ତର୍ଗତ ଗାନ୍ଧୀ ନଗରର ତୃତୀୟ ଗଳିର ପି .ନଟବର(୨୬) ଶ୍ରୀମନ୍ଦିରକୁ ଦର୍ଶନ ନିମନ୍ତେ ଯାଇଥଲେ ।ଏହି ସମୟରେ ତାଙ୍କ ବେକରୁ ଏକ ସୁନା ଚେନ୍‌କୁ ଜଣେ ମହିଳା କାଟି ନେଇ ପଳାଉଥିଲେ । ମାତ୍ର ଏହି ସମୟରେ ସେଠାରେ ଥିବା ସାଦା ପୋଷାକଧାରୀ ପୁଲିସ ଏହି ମହିଳାକୁ ଧରିପକାଇଥିଲେ ।ତା ନିକଟରୁ ନଟବରଙ୍କ ସୁନା ଚେନ୍ ମଧ୍ୟ ଜବତ କରାଯିବା ଜବତ କରାଯିବା ସହିତ ଆଉ ଦୁଇଟି ସୁନା ଚେନ୍ ଓ ଗୋଟିଏ ମଙ୍ଗଳସୂତ୍ର ଜବତ କରାଯାଇଥିଲା ଏଗୁଡିକ ମଧ୍ୟ ସେ ଶ୍ରମନ୍ଦିର ଭକ୍ତମାନଙ୍କଠାରୁ ଲୁଟିଥିବା ମହିଳାଜଣକ ସ୍ୱୀକାର କରିଥିଲା ତେଣୁ ନଟବରଙ୍କ ଅଭିଯୋଗକୁ ଭିତ୍ତି କରି ସିଂହଦ୍ୱାରା ଥାନା ପୁଲିସ ୧୦୩/୨୧ ନମ୍ବରରେ ଏକ ମାମଲା ରୁଜୁ କରି କଟକ ମାଲଗୋଦାମ ଥାନା ଅନ୍ତର୍ଗତ ଜୋବ୍ରାର ତଳସାହି ଆନିକଟ ଅଂଚଳରେ ରହୁଥିବା କେ . ମଲିକା(୫୦) କୁ ଗିରଫ କରି କୋର୍ଟଚାଲାଣ କରିଛି ।

# ପ୍ରମିଳାଙ୍କ ପିଏସ୍‌ଓ ଓ ଗ୍ରାମବାସୀଙ୍କ ଖଣ୍ଡଯୁଦ୍ଧ

**ସିଂହପୁର(ସଂପର୍କବାର୍ତ୍ତା):-** ବିଂଝାରପୁର ଥାନାର ସିଂହପୁର ବ୍ରାହ୍ମଣୀପାଟଣା ଦଳିତ ସାହି ନିକଟରେ ଶନିବାର ସ୍ଥାନୀୟ ବିଧାୟିକା ତଥା ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ପିଏସଓ ଓ ହରିଜନସାହି ଲୋକଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଭିଡିଓ ଭାଇରାଲ ହେବାରେ ଲାଗିଛି। ଶ୍ରୀମତୀ ମଲ୍ଲିକ ନିଜ ଗାଡିରେ ଜରି ପଂଚାୟତ ଅଭିମୁଖେ ଯାଇଥିବା ବେଳେ ରାସ୍ତାରେ ଗାଡି ଜାମ୍ ହୋଇଥିଲା ଏଥିରେ ଶ୍ରୀମତୀ ମଲ୍ଲିକଙ୍କ ପିଏସଓ ଗାଡିରୁ ଓହ୍ଲାଇ ସେଠାରେ ଥିବା ଯୁବକଙ୍କୁ ଗାଳିଗୁଲଜ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା ଏଭଳି ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା କିଛି ସ୍ଥାନୀୟ ବୟସ୍କ ଲୋକ ଓ ମଲ୍ଲିକ ବୁଝାସୁଝା କରିବା ପରି ପରିସ୍ଥିତି ଶାନ୍ତ ହୋଇଥିଲା।

# ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ପଛରେ ବିଜେଡି ରଚିଛି ଷଡଯନ୍ତ୍ର:ବିଜେପି




**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶୋଭାଯାତ୍ରା, ବିକ୍ଷୋଭ, ପ୍ରତିବାଦ, ନାରାବାଜି, ସକାଳ ୬ରୁ ଦିନ ୧୨ଟା ମମିତାଙ୍କୁ ନ୍ୟାୟ ଓ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର ଦାବିରେ କଂଗ୍ରେସର ରାଜ୍ୟବ୍ୟାପୀ ଶାନ୍ତିପୂର୍ଣ୍ଣ ହରତାଳ, କଟକରୁ କଳାହାଣ୍ଡି, ବାଲେଶ୍ୱରରୁ ବଳରାମପୁର, ସମ୍ବଲପୁର ଜୟପୁର, ସବୁଠି ସମାନ ଚିତ୍ର। ରାଜଧାନୀ ଭୁବନେଶ୍ୱରରେ ମାଷ୍ଟରକ୍ୟାଣ୍ଟିନ୍, ବାଣୀବିହାର ଛକରେ କଂଗ୍ରେସ ନେତା ଓ କର୍ମୀଙ୍କ ଆନ୍ଦୋଳନ, ଶାନ୍ତିପୂର୍ଣ୍ଣ ବାଇକ୍ ର୍ୟାଲି ସହ ପୋଷ୍ଟର ସହ ନାରାବାଜି କରି ବିଧାନସଭା ଘେରାଉ ପାଇଁ ଅଗ୍ରସର ବେଳେ ପୋଲିସ୍ ଦ୍ୱାର ଅଟକ ଛାତ୍ର କଂଗ୍ରେସ କର୍ମୀ। ତେବେ ବନ୍ଦ ନ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବାରୁ ପ୍ରତିବାଦର ଅଭିନବ ତରିକା ଅପଣାଇଥିଲା ଦଳ। କେଉଁଠି ଚକଲେଟ୍ ବାଣ୍ଟି ତ କେଉଁଠି ହାତଯୋଡି ହରତାଳକୁ ସମର୍ଥନ କରିବାକୁ କରୁଥିଲେ ନିବେଦନ। ଶେଷରେ ହରତାଳ ସବୁଠି ସଫଳ ହୋଇଥିବା ଦାବିକରି ଦରକାର ପଡିଲେ ଦଳ ମମିତାଙ୍କୁ ନ୍ୟାୟ ପାଇଁ ହାଇକୋର୍ଟ ଯିବ ବୋଲି କହିଛି କଂଗ୍ରେସ।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କଂଗ୍ରେସର ୬ ଘଣ୍ଟିଆ ବନ୍ଦ ଡାକରା ହରତାଳରେ ପରିଣତ ହୋଇନଥିଲା। ଆଉ ଏହା ପଛରେ ସରକାରୀ ଦଳର ଚକ୍ରାନ୍ତଙ୍କୁ ସମ୍ନାକୁ ଆଣିଛନ୍ତି ବିରୋଧୀ କଂଗ୍ରସ ଓ ବିଜେପି। ଯେଉଁମାନେ ହାଇକୋର୍ଟରେ ଏ ସଂପର୍କିତ ମାମଲା ଲଢୁଥିଲେ ସେମାନେ ବିଜେଡି ଲିଗାଲ୍ ସେଲ୍‌ର ବୋଲି ଅଭିଯୋଗ କରିଛି କଂଗ୍ରେସ। ହାଇକୋର୍ଟଙ୍କ ନିର୍ଦ୍ଦଶ ପରେ ତତ୍‌କ୍ଷଣାତ୍ ଜିଲ୍ଲା ପୋଲିସ୍ ଅଧିକାରୀଙ୍କୁ ଡିଜିପିଙ୍କ ନିର୍ଦ୍ଦେଶନାମାକୁ ମଧ୍ୟ ସହଜରେ ଗ୍ରହଣ କରିପାରୁନି ବିଜେପି। ଅନ୍ୟପଟେ ବିଜେଡି କହିଛନ୍ତି ଶସ୍ତା ରାଜନୀତି ନ କରି ପ୍ରମାଣ ଥିଲେ ନ୍ୟାୟାଳୟକୁ କହିଛି ବିଜେପି। ତେବେ ଶାନ୍ତିପୂର୍ଣ୍ଣ ହରତାଳର ପ୍ରଭାବ ସାଧାରଣ ଜୀବନ ଯାତ୍ରାରେ ପ୍ରଭାବ ପଡିନଥିଲେ ମଧ୍ୟ ଶାସକ ଦଳ ଉପରେ କେତେ ପ୍ରଭାବ ପଡୁଛି ତାହା ଆଗକୁ ସ୍ପଷ୍ଟ ହେବ।

# ପାରଳାଖେମୁଣ୍ଡିଠାରେ ପରିବାର ଅଦାଲତ




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଏସ୍. ମୂରଲୀଧର ଗତ ୧୦ ତାରିଖ ଦିନ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିଠାରେ ପରିବାର ଅଦାଲତ ଉଦ୍‌ଘାଟିତ କରିଛନ୍ତି। ସେଠାରେ ଏକ ପରିବାର ଅଦାଲତ ସ୍ଥାପନ ଯୋଗୁଁ ଜନସାଧାରଣ ବହୁ ପ୍ରତିକ୍ଷିତ ସ୍ୱପ୍ନ ସାକାର ହୋଇଛି। ଏହି ଭର୍ଚୁଆଲ୍ ଉଦ୍‌ଘାଟନ ଉତ୍ସବରେ ହାଇକୋର୍ଟର ମାନ୍ୟବର ଡକ୍ଟର ଜଷ୍ଟିସ୍ ବି.ଆର୍.ଷଡଙ୍ଗୀ, ମାନ୍ୟବର ଜଷ୍ଟିସ୍ ଆର୍.କେ.ପଟ୍ଟନାୟକ ଏବଂ ମାନ୍ୟବର ଜଷ୍ଟିସ୍ ଏ.କେ. ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ।

ଓଡ଼ିଶା ହାଇକୋର୍ଟର ମାନ୍ୟବର ଜଷ୍ଟିସ୍ ଶ୍ରୀ ଏସ୍. ପୂଜାହାରି ଏବଂ ମାନ୍ୟବର ଜଷ୍ଟିସ୍ ଶ୍ରୀ ଅରିନ୍ଦମ ସିହ୍ନା, ମାନ୍ୟବର ଜଷ୍ଟିସ୍ ଶ୍ରୀ ଏସ୍.କେ. ପାଣିଗ୍ରାହୀ ଏବଂ ମାନ୍ୟବର ଜଷ୍ଟିସ୍ ଶ୍ରୀ ଶଶିକାନ୍ତ ମିଶ୍ର ଏହି ଭର୍ଚୁଆଲ୍ ଉତ୍ସବରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧୟୟରେ ବିଶ୍ୱଜିତ ମହାନ୍ତି, ରେଜିଷ୍ଟ୍ରାର ଏବଂ ହାଇକୋର୍ଟ ରେଜିଷ୍ଟ୍ରିର ଅନ୍ୟ ଅଧିକାରୀମାନେ ଉପସ୍ଥି ଥିଲେ। ଗଜପତି ଜିଲ୍ଲା ଜଜ୍ ସତ୍ୟପ୍ରିୟ ମିଶ୍ର, ଗଜପତି ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା, ଗଜପତି ପୋଲିସ୍ ଏସ୍.ପି. ଜୟରାମ ଶତପଥୀ ଓ ଜିଲ୍ଲା ବାର୍ ଆସୋସିଏସନ୍ ଏବଂ ସେକ୍ରେଟାରୀ ବାର୍ ଆସୋସିଏସନ୍ ଏହି ଭର୍ଚୁଆଲ୍ ଉତ୍ସବରେ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଆଇନ୍ ସେବା ମେଗା ଶିବିର




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ବି.ଜେ.ବି ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ପାନ୍-ଇଣ୍ଡିଆ ସଚେତନତା ଏବଂ ଆଉଟ୍‌ରିଚ୍ କ୍ୟାମ୍ପେନ୍ ଆନୁକୂଲ୍ୟରେ ଏବଂ ଖୋର୍ଦ୍ଧା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସହଯୋଗରେ ଏକ ଆଇନ୍ ସେବା ମେଗା(ବୃହତ୍) ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜଜ୍ ତଥା ଖୋର୍ଦ୍ଧା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ରାମ ଶଙ୍କର ହୋତାଙ୍କ ଅଧକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା ।

ଶିବିରରେ ବିଭିନ୍ନ ମାମଲାର ଫଏସଲା କରାଯାଇ ବହୁ ହିତାଧିକାରୀଙ୍କୁ ପ୍ରାୟ ୩ କୋଟି ଟଙ୍କାର ଆର୍ଥିକ ସହାୟତା ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ଦିଆଯାଉଥିବା ସହାୟତା ଉପକରଣ ଆଦି ପ୍ରଦାନ କରାଯାଇଥିଲା । ବିଶେଷ କରି ବୈଷୟିକ ଶିକ୍ଷା ଓ ଉଚ୍ଚ ଶିକ୍ଷା ପାଇଁ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ସହାୟତା, ଦୁର୍ଘଟଣାରେ ପୀଡିତ ହିତାଧିକାରୀ, କୋଭିଡ୍‌ରେ ପ୍ରାଣ ହରାଇଥିବା ପିତାମାତାଙ୍କ ପିଲାମାନଙ୍କୁ ଆଶୀର୍ବାଦ ଯୋଜନାରେ ସହାୟତା, ନିର୍ଯ୍ୟାତନା ଆଇନ୍, ଆନ୍ତଃ-ଜାତି ବିବାହ ଆଇନ୍, ମୃତ୍ୟୁକାଳୀନ ସହାୟତା, ଶିକ୍ଷା ପାଇଁ ସହାୟତା, ପଂଜୀକୃତ ନିର୍ମାଣ ଶ୍ରମିକଙ୍କ ପରିବାରକୁ ବିବାହ ଓ ପ୍ରସୂତିକାଳୀନ ସହାୟତା, ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ପେନ୍‌ସନ ପ୍ରଦାନ, ସୁନେତ୍ର ଯୋଜନାରେ ଚଷମା ପ୍ରଦାନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ସହାୟତା ପ୍ରଦାନ କରାଯାଇଥିଲା । ଜନସାଧାରଣଙ୍କୁ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସୁବିଧା ନେବା ପାଇଁ ଆଇନ୍ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ବୃହତ୍ ଆଇନ୍ ସେବା ଶିବିର ଅନୁଷ୍ଠିତ ହୋଇଥିଲା ।

ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ମନୋଜ କୁମାର ପାଢୀ, ଭୁବନେଶ୍ୱର ଉପଜିଲ୍ଲାପାଳ ଦେବବ୍ରତ ସାହୁ, ତହସିଲଦାର ପ୍ରଦୀପ କୁମାର ସାହୁ, ବିଡିଓ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଥିଲେ ।

ସି.ବି.ଆଇ ଜଜ୍ ବାସୁଦେବ ପଣ୍ଡା ଓ ଆର୍,କେ ମିଶ୍ର, ଭିଜିଲାନ୍‌ସ୍ ଜଜ ସଂଜୀବ ଦୁବେ ଓ ଲୁନା ମହାନ୍ତି, ଚେୟାରମାନ୍ ପି.ଏଲ୍.ଏ. ରତିକାନ୍ତ ମହାପାତ୍ର, ଏଡିଜେ ରବିନ୍ଦ୍ର ଦାସ ଓ ମିନାକ୍ଷୀ ଦାସ,ସବ୍‌ଜଜ ସରୋଜିନୀ ପତି, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଂପାଦିକା ମିନାକ୍ଷୀ ପ୍ରିୟଦର୍ଶିନୀ,୧ମ ଅତିରିକ୍ତ ସିନିଅର ସିଭିଲ୍ ଜଜ ଅଜିତ୍ ଓତା, ଏସ୍.ଡି.ଜେ.ଏମ୍.ଜନ୍ମେଜୟ ପଲେଇ, ମୁନ୍‌ସିଫ୍ ସୋନାଲି ସରିତା, ଜେ.ଏମ୍.ଏଫ୍.ସି ସୁନିଲ ମିଶ୍ର ଓ ପ୍ରିୟଦର୍ଶିନୀ କୁମ୍ଭାର, ପ୍ରୋବେସନରେ ଥିବା ମାଜିଷ୍ଟ୍ରେଟ୍ ଦେବାନ ସତ୍ୟଦର୍ଶୀ ନନ୍ଦ , ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂହ ଏବଂ କୋର୍ଟ ମ୍ୟାନଜର ପ୍ରିୟଙ୍କା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଂପାଦିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବରଗଡ କଲେଜ୍ ରାଜ୍ୟର ଶିକ୍ଷା ହବ୍:ଆକାଶ




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମୋ କଲେଜ ଅଭିଯାନ ଅଧକ୍ଷ ଆକାଶ ଦାସନାୟକ ଗୁରୁବାର ଦିନ ବରଗଡ଼ସ୍ଥିତ ପଞ୍ଚାୟତ ଡିଗ୍ରୀ କଲେଜ ପରିଦର୍ଶନ କରିଥିଲେ। ମୋ କଲେଜ ଅଭିଯାନ ଅଧୀନରେ ଯୋଡିହୋଇ ଏହି ଉଚ୍ଚ ଶିକ୍ଷାନୁଷ୍ଠାନର କିପରି ବ୍ୟାପକ ଉନ୍ନତି ହୋଇପାରିବ ସେ ବିଷୟରେ ଶ୍ରୀ ଦାସନାୟକ କଲେଜ କର୍ତ୍ତୃପକ୍ଷଙ୍କ ସମେତ ବର୍ତ୍ତମାନ ଏବଂ ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

ଛାତ୍ରଛାତ୍ରୀମାନଙ୍କ ଭିତରେ ସେବା ଏବଂ ନେତୃତ୍ୱ ନେବାର ମନୋଭାବ ରହିବା ଉଚିତ। ତେଣୁ କଲେଜ ଜୀବନରୁ ହିଁ ଭବିଷ୍ୟତର ନେତୃତ୍ୱ ଭାବେ ଛାତ୍ରଛାତ୍ରୀମାନେ ନିଜକୁ ପ୍ରସ୍ତୁ କରିବାର ଆବଶ୍ୟକତା ରହିଛି। ରାଜ୍ୟ ତଥା ଦେଶର ଅର୍ଥନୀତି ପାଇଁ ସେମାନେ ନିଜର ଦକ୍ଷତା ବୃଦ୍ଧି କରିବା ମଧ ଆବଶ୍ୟକ, ଏହି ଅବସରରେ କହିଥିଲେ ମୋ କଲେଜ ଅଧକ୍ଷ ଶ୍ରୀ ଦାସନାୟକ।

ଏଥିସହ ସେ ବର୍ତ୍ତମାନ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ବରଗଡ ପଞ୍ଚାୟତ ଡିଗ୍ରୀ କଲେଜ୍‌କୁ ରାଜ୍ୟର ଏକ ଶିକ୍ଷା ହବ୍‌ରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ କଲେଜ ପରିସରରେ 'ତପସ୍ୱିନୀ' ଉଦ୍ୟାନର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ୍‌ର ପୁରାତନ ଛାତ୍ର ତଥା ବରଗଡର ମାନ୍ୟବର ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ପଞ୍ଚାୟତ ଡିଗ୍ରୀ କଲେଜ୍‌କୁ ଏକ ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଜରୁରୀ। ଏହା ଫଳରେ ବର୍ତ୍ତମାନ ଏବଂ ଆଗାମୀ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଆହୁରି ଉଜ୍ଜ୍ୱଳମୟ ହୋଇପାରିବ।

ମୋ କଲେଜ ଅଭିଯାନ ହେଉଛି ଏକ ପ୍ରଶଂସନୀୟ କାର୍ଯ୍ୟକ୍ରମ। ଏହି ଅଭିଯାନ ସହଯୋଗରେ ଆମ କଲେଜର ସାମଗ୍ରିକ ବିକାଶ ହୋଇପାରିବ। ଏହି ଅଭିନବ କାର୍ଯ୍ୟକ୍ରମର ଅଂଶ ହୋଇ ଆମେ ଅତ୍ୟଧିକ ଆନନ୍ଦିତ, କହିଥିଲେ ବରଗଡ ପଞ୍ଚାୟତ ଡିଗ୍ରୀ କଲେଜ୍‌ର ଅଧକ୍ଷ ପତିତପାବନ ସାହୁ।

ମୋ କଲେଜ ଅଧକ୍ଷ ଶ୍ରୀ ଦାସନାୟକ ବରଗଡ ପଞ୍ଚାୟତ ଡିଗ୍ରୀ କଲେଜ୍‌ରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରଗଡ ଜିଲ୍ଲାର ଅନ୍ୟ ୨୧ଟି କଲେଜ୍ ସାମିଲ୍ ହୋଇଥିଲେ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera